## ସଂକ୍ଷେପରେ

### ଯୁବପିଢ଼ି ଭିତରେ ସଂସ୍କାର ଆଣିବାକୁ ସତ୍‌ସଙ୍ଗ ଆବଶ୍ୟକ



ବିରିଡି,୨୦।୧୦(ଡି.ଏନ.ଏ.): ବର୍ତ୍ତମାନ ଯୁବକମାନେ ପଥଭ୍ରଷ୍ଟ ହୋଇ ମଦ ମାଂସରେ ବୁଡ଼ି ରହୁଛନ୍ତି । ଏଣୁ ସମାଜ କଳୁଷିତ ହୋଇଯାଇଛି । ଯୁବପିଢି ଭିତରେ ସଂସ୍କାର ଆଣିବା ପାଇଁ ପ୍ରତ୍ୟେକ ଗ୍ରାମରେ ସତ୍‌ସଙ୍ଗ ହେବା ଆବଶ୍ୟକ। ଏଥିସହ ଅଭିଭାବକମାନେ ପିଲାଙ୍କୁ ଛୋଟବେଳୁ ଧର୍ମ ସଂସ୍କୃତି ଉପରେ ଶିକ୍ଷା ଦେବାର ଆବଶ୍ୟକତା ରହିଛି ବୋଲି ଗୁରୁବାର ଓଡ଼ିଶା ଜଗନ୍ନାଥ ସଂସ୍କୃତିର କଥା ପ୍ରଚାରକ ବାବା ଦିବାକର ଦାସ ମହାରାଜ ତାଙ୍କ ୩୩ତମ ଜନ୍ମ ମହୋତ୍ସବରେ ମତବ୍ୟକ୍ତ କରିଛନ୍ତି । ଏହି ଉପଲକ୍ଷେ ବାଲିଆସ୍ଥିତ ଝୁଲା ଗୋପୀନାଥଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବାବାଙ୍କ ଜନ୍ମ ମହୋତ୍ସବରେ ପ୍ରାତଃରୁ ଝୁଲା ଗୋପୀନାଥଙ୍କ ପୂଜାର୍ଚ୍ଚନା, ଗୋପୂଜନ, ଚାରାରୋପଣ, ଭଜନ ସମାରୋହ ଆଦି କରାଯାଇଥିଲା । ବହୁ ଦୂରଦୂରାନ୍ତରୁ ବାବାଙ୍କ ଭକ୍ତ, ସାଧୁ ସନ୍ଥ, ପଣ୍ଡିତମାନେ ମନ୍ଦିରରେ ପହଞ୍ଚି ବାବାଙ୍କୁ ପୁଷ୍ପମାଲ୍ୟ ଓ ଉପଢୌକନ ପ୍ରଦାନ କରିଥିଲେ। କବି ପୀତାମ୍ବର ମହାପାତ୍ର, ଅରୁଣ କୁମାର ଦାସ, ରାମାୟଣି ପଣ୍ଡିତ ଅଭୟ ଦାଶ, ପଣ୍ଡିତ ପ୍ରଭାତ ରଞ୍ଜନ କର, ଧର୍ମେଶ୍ୱର ଭାଗବତ ପରିବାରର ଗୋପାଳ ଖଟୁଆ, ଗନ୍ଧର୍ବ ରାୟ, ମାଗୁଣି ଭୋଇ, ଅଭୟ ଭୋଇ, ବଂଶୀଧର ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ଏହି ଆଧାତ୍ମିକ କାର୍ଯ୍ୟକୁ ସଫଳ କରିଥିଲେ ।

### ଡ. ହେମନ୍ତଙ୍କୁ ଜାତୀୟ ସେବା ଯୋଜନା ପୁରସ୍କାର

କୁଜଙ୍ଗ, ୨୦।୧୦(ଡି.ଏନ୍.ଏ.): ଓଡିଶା ସରକାର ଉଚ୍ଚଶିକ୍ଷା ବିଭାଗ ତରଫରୁ ଜାତୀୟ ସେବା ଯୋଜନାରେ ପୁରସ୍କାର ବିତରଣ ଉତ୍ସବ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ଜଗତ୍‌ସିଂହପୁର ଜିଲା କୁଜଙ୍ଗର ବିଜୟଚାନ୍ଦ ସଂସ୍କୃତ ମହାବିଦ୍ୟାଳୟ ସମାଗୋଳ ଜାତୀୟସେବା ଯୋଜନାର ତତ୍ତ୍ୱାଧିକାରୀ ଅଧ୍ୟାପକ ଡ. ହେମନ୍ତ କୁମାର ମୁଦୁଲିଙ୍କୁ ସମ୍ମାନିତ କରାଯାଇଛି। ଚାରା ରୋପଣ ଓ ପରିବେଶ ସୁରକ୍ଷା ପାଇଁ ଶ୍ରେଷ୍ଠ ତତ୍ତ୍ୱାଧିକାରୀ ଭାବେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ମୁଦୁଲିଙ୍କୁ ମାନପତ୍ର ଦିଆଯାଇଛି। ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ କୁମାର ପୂଜାରୀ, ମୋ କଲେଜ ସଭାପତି ଆକାଶ ଦାସ ନାୟକ, ଉଚ୍ଚଶିକ୍ଷା ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ, ଉପଶାସନ ସଚିବ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ।

### ଏଏପିର ସାଙ୍ଗଠନିକ ବୈଠକ

କୁଜଙ୍ଗ,୨୦।୧୦(ଡି.ଏନ୍.ଏ.): କୁଜଙ୍ଗ ସୂଚନାକେନ୍ଦ୍ରଠାରେ ଆମ ଆଦ୍‌ମୀ ପାର୍ଟି (ଏଏପି) ପାରାଦୀପ ନିର୍ବାଚନ ମଣ୍ଡଳୀ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଫିରୋଜ କୁମାର ବେଉରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଜଗତ୍‌ସିଂହପୁର ଜିଲା ସଭାପତି ଅନୁପମା ସେଠୀ ଯୋଗଦେଇ ଉପସ୍ଥିତ କର୍ମୀମାନଙ୍କୁ ସଙ୍ଗଠନକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ । ବୈଠକରେ ଆଶୀର୍ବାଦ ସାହୁ, ଇନ୍‌ସାର ଉଦ୍ଦିନ, ରଜତ ପାତ୍ର, ସ୍ମିତା ସାମଲ, ବାସନ୍ତି ପ୍ରଭା ପ୍ରମୁଖ ଯୋଗଦେଇଥିଲେ। ଦିବାକର ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।

# ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଗର୍ଜିଲେ ଲୋକେ

ଜଗତ୍‌ସିଂହପୁର ଅଫିସ, ୨୦।୧୦



ଉତ୍ତ୍ୟକ୍ତ ଲୋକେ ହାଟ ପୋଲ ଉପରେ ଟାୟାର ଜାଳି ଆନ୍ଦୋଳନ କରୁଛନ୍ତି।

**ଜଗତ୍‌ସିଂହପୁର ପୌର ପରିଷଦ**
- ହାଟ ବଜାରରେ କ୍ରମାଗତ ଚୋରିର ପ୍ରତିବାଦ
- ୭ ଦିନ ଭିତରେ ସମାଧାନ ପ୍ରତିଶ୍ରୁତି ପରେ ଆନ୍ଦୋଳନ ହଟିଲା

ଜଗତ୍‌ସିଂହପୁର ସହରର ଏକ ପ୍ରମୁଖ ବଜାର ହେଉଛି ହାଟ ବଜାର। ଏହି ବଜାରରେ କ୍ରମାଗତ ଚୋରି ଯୋଗୁ ବ୍ୟବସାୟୀମାନେ ଅତିଷ୍ଠ ହୋଇ ପଡିଲେଣି। ବିଶେଷକରି ବଜାରରେ ଥିବା ଷ୍ଟ୍ରିଟ୍ ଲାଇଟ୍ ଓ ସିସି କ୍ୟାମେରା ଅଚଳ ଯୋଗୁ ଚୋରି ବଢୁଥିବା ଯୁକ୍ତି ବାଢି ଲୋକେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଶତାଧିକ ଲୋକେ ହାଟ ପୋଲ ଉପରେ ଟାୟାର ଜାଳି ଆନ୍ଦୋଳନ କରିଥିଲେ। ମାତ୍ର ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ ଆନ୍ଦୋଳନସ୍ଥଳରେ ପହଞ୍ଚି ନ ଥିଲେ। ଏନେଇ ଲୋକଙ୍କ ଭିତରେ ତୀବ୍ର ଅସନ୍ତୋଷ ହୋଇଥିଲା। ଲୋକେ ସେ ସ୍ଥାନରୁ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖ ଫାଟକରେ ହୋହଲ୍ଲା କରିଥିଲେ। ନିର୍ବାହୀ ଅଧିକାରୀ ତୁରନ୍ତ ପହଞ୍ଚି ଉତ୍ତର ରଖନ୍ତୁ ବୋଲି ଦାବି କରିଥିଲେ`। ଏହା ସତ୍ତ୍ୱେ ନିର୍ବାହୀ ଅଧିକାରୀ ପହଞ୍ଚିବାରେ ବିଳମ୍ବ କରିଥିଲେ। ଏନେଇ ଅସନ୍ତୋଷ ବଢ଼ିବାରୁ ନିର୍ବାହୀ ଅଧିକାରୀ କର୍ଣ୍ଣ ଆନ୍ଦୋଳନକାରୀଙ୍କ ନିକଟରେ ପହଞ୍ଚି ଆଲୋଚନା କରିଥିଲେ।

ଏହି ଅବସରରେ ଆନ୍ଦୋଳନକାରୀ ଅଭିଯୋଗ କରିଥିଲେ, ହାଟ ବଜାର ସହରର ଏକ ପ୍ରମୁଖ ବ୍ୟବସାୟିକ ସ୍ଥାନ ହୋଇଥିଲେ ସୁଦ୍ଧା ଏଠାରେ ବ୍ୟବସାୟୀଙ୍କ ସ୍ୱାର୍ଥକୁ ଗୌଣ କରାଯାଉଛି । ବଜାରରେ ଥିବା ଷ୍ଟ୍ରିଟ୍ ଲାଇଟ୍‌ଗୁଡିକ ମଧ୍ୟରୁ ୮ଟି ଅଚଳ। ସିସିଟିଭି କ୍ୟାମେରା କାମ କରୁନି। ଡ୍ରେନ୍‌ରୁ ପାଣି ନିଷ୍କାସନ ହେଉନି। ମାଛ ମାର୍କେଟ ସଫା କରାଯାଉ ନ ଥିବାରୁ ଦୁର୍ଗନ୍ଧରେ ନାକ ଫାଟିଯାଉଛି। ପରିଷଦ ନିର୍ବାହୀ ଅଧିକାରୀଙ୍କ ଅପାରଗତା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଷ୍ଟ୍ରିଟ୍ ଲାଇଟ୍ ଓ ସିସି କ୍ୟାମେରା ଅଚଳ କାରଣରୁ ଚୋରି ଚିନ୍ତାର କାରଣ ହେଲାଣି। ଚୋରି ରୋକିବା ପାଇଁ ପୋଲିସ ପକ୍ଷରୁ ଗତ ୧୯ ତାରିଖରେ ଅଧିକ କର୍ମଚାରୀ ନିୟୋଜିତ କରାଯାଇଛି। କିନ୍ତୁ ମୁଖ୍ୟ ସମସ୍ୟା ଦୂର ନ ହେବା ଯାଏ ପରିସ୍ଥିତିରେ ସୁଧାର ଆସିବ ନାହିଁ ବୋଲି ଯୁକ୍ତି କରାଯାଇ କେତେଦିନ ଭିତରେ ସମସ୍ୟାର ସମାଧାନ ହେବ ପ୍ରତିଶ୍ରୁତି ଦେବାକୁ କୁହାଯାଇଥିଲା। ୭ ଦିନ ଭିତରେ ଦେଖାଯାଇଥିବା ସମସ୍ୟାଗୁଡିକର ପ୍ରତିକାର କରାଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଲା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଆନ୍ଦୋଳନରେ ଜଗତ୍‌ସିଂହପୁର ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ପାରିଜାତ ମହାପାତ୍ର, ବିମଳେନ୍ଦୁ ମହାପାତ୍ର, ଅନାମ ଚରଣ ରାଉତ, ଅସିତ କୁମାର ଓଝା, ଅମ୍ରିତଲାଲ ଚୌଧୁରୀ, ବିଶ୍ୱଜିତ ବିଶ୍ୱାଳ, ମିଲନ ପଣ୍ଡା, ତାପସ ମାଣିଆ, ଶୁକଦେବ ବେହେରା, କ୍ଷେତ୍ରବାସୀ ଦାସ, ଜଗନ୍ନାଥ ସାହୁ ଓ ଅଶୋକ ଦାସ ପ୍ରମୁଖ ସାମିଲ ହୋଇଥିଲେ। ଏ ସମ୍ପର୍କରେ ଜଗତ୍‌ସିଂହପୁର ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି, ହାଟ ବଜାର ଚୋରି ଉପରେ ବିଶେଷ ଧ୍ୟାନ ଦିଆଯାଉଛି। ଖୁବଶୀଘ୍ର ଚୋରମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି ।

# ଭିସି ମିଟିଂରେ ଛାତ୍ରୀଛାତ୍ରଙ୍କୁ ଗୁରୁତ୍ୱ ଦେଲେ ୫-ଟି ସଚିବ



ଭିସି ମିଟିଂରେ ସାମିଲ ହୋଇଥିବା ପ୍ରଧାନଶିକ୍ଷକ, ସରପଞ୍ଚ ଓ ଛାତ୍ରୀଛାତ୍ରମାନେ ।

ରଘୁନାଥପୁର, ୨୦।୧୦(ଡି.ଏନ୍.ଏ.)

**ବୈଠକରେ ଯୋଗଦେଲେ ଅନଶନରେ ବସିଥିବା ସରପଞ୍ଚ**

ରଘୁନାଥପୁର ବ୍ଲକ ଅଞ୍ଚଳରେ ତୃତୀୟ ପର୍ଯ୍ୟାୟରେ ୫-ଟି ଯୋଜନାରେ ରୂପାନ୍ତରଣ ହୋଇଥିବା ୭ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସରପଞ୍ଚ, ଆଲୁମନି କମିଟି ଓ ଛାତ୍ରୀଛାତ୍ରଙ୍କୁ ନେଇ ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ଭିଡିଓ କନ୍‌ଫରେନ୍ସ (ଭିସି) ବୈଠକ ବ୍ଲକ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଲମ୍ବୋଦର ଖୁଣ୍ଟିଆ, ବିଇଓ ବିଜୟ କୁମାର ସ୍ୱାଇଁ ଓ ଏବିଡିଓ ଅଶୋକ କୁମାର ମହାନ୍ତି ଉପସ୍ଥିତ ଥିଲେ। ବୁଧବାର ଅନଶନରେ ବସିଥିବା ରଘୁନାଥପୁର ବ୍ଲକ ଚିକିଣିଆ ସରପଞ୍ଚ ବିଷ୍ଣୁ ଚରଣ ସେଠୀ ଏହି ବୈଠକରେ ଯୋଗଦେଇଥିବା ଜଣାପଡ଼ିଛି। ବୈଠକରେ ଉପସ୍ଥିତ ସଦସ୍ୟମାନଙ୍କୁ ୧୦ ସେକେଣ୍ଡ ପାଇଁ କହିବାକୁ ସମୟ ଦିଆଯାଇଥିଲା। ୫-ଟି ସଚିବ ପାଣ୍ଡିଆନ ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ଅଧିକ ଗୁରୁତ୍ୱ ଦେବାକୁ କହିଥିଲେ। ବୈଠକରେ ଉପସ୍ଥିତ ଥିବା ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ବଟକୃଷ୍ଣ ନାୟକ, ଶିବରାମ ସାହୁ, ମନଜିନି ସାହୁ, ଆଲୁମନି ସଭାପତି ବିନୋଦ ବିହାରୀ ମହାନ୍ତି, ଅମର ପ୍ରସାଦ ରାୟ, ରବୀନ୍ଦ୍ରନାଥ ସାହୁ, ଛାତ୍ରୀଛାତ୍ର ପୂଜାରାଣୀ ମାହାଳି, ବର୍ଷାରାଣୀ ବେହେରା, ମଧୁସ୍ମିତା ସ୍ୱାଇଁ, ଶ୍ରଦ୍ଧାସୁମନ ନାୟକ ଓ ସୂର୍ଯ୍ୟକାନ୍ତ ମହାନ୍ତିଙ୍କ ସହ ପ୍ରଧାନଶିକ୍ଷକମାନେ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ୫-ଟି ସଚିବ ଓ ଜିଲାପାଳଙ୍କ ଉପସ୍ଥିତିରେ ଭିସି ହେବାକୁ ଏକ ମାସ ପୂର୍ବେ ସ୍ଥିର ହୋଇଥିଲା। ଏଥିରେ ଯୋଗଦେବା ପାଇଁ ସରପଞ୍ଚ ସେଠୀଙ୍କ ନାମ ଓ ମୋବାଇଲ୍ ନମ୍ବରକୁ ଏଚ୍‌ଏମ୍‌ଟି ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାମଲ ବ୍ଲକ କାର୍ଯ୍ୟାଳୟକୁ ପଠାଇଥିଲେ। ୫-ଟି ସଚିବଙ୍କ ଭିସି ପୂର୍ବରୁ ସୋମବାର ଜିଲାପାଳଙ୍କ ଭିସି ହୋଇଥିଲା। ଏଥିରେ ସରପଞ୍ଚଙ୍କ ନାମ କଟାଯାଇ ଅନ୍ୟଜଣେ ପୁରାତନ ଛାତ୍ରଙ୍କୁ ସାମିଲ କରାଯାଇଥିଲା। ଏହାକୁ ଅପମାନ ସୂଚକ ଦର୍ଶାଇ ସରପଞ୍ଚ ସେଠୀ ଆମରଣ ଅନଶନ କରିଥିଲେ ଓ ପୁରାତନ ଛାତ୍ର ଓ ସମିତିସଭ୍ୟ ବିଚିତ୍ର କୁମାର ସ୍ୱାଇଁ ଏହାକୁ ସମର୍ଥନ କରି ଏଥିରେ ସାମିଲ ହୋଇଥିଲେ। ରାତିରେ ବ୍ଲକ ଉପାଧକ୍ଷ ତଥା ବିଜେଡି ସଭାପତି ଦେବାଶିଷ ତ୍ରିପାଠୀ ଅନଶନ ସ୍ଥଳରେ ପହଞ୍ଚି ସରପଞ୍ଚ ସେଠୀଙ୍କୁ ବୁଝାଶୁଝା କରିଥିଲେ। ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାମଲ ନିଜର ଭୁଲ ସ୍ୱୀକାର କରିବା ସହ ଆଗାମୀ ଦିନରେ ସମସ୍ତଙ୍କୁ ନେଇ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୁରାତନ ଛାତ୍ରଙ୍କ ସହମତି କ୍ରମେ ସରପଞ୍ଚ ସେଠୀ ଅନଶନରୁ ଓହରିଥିଲେ। ପରେ ବ୍ଲକ ପ୍ରଶାସନ, ଉପାଧକ୍ଷ ତ୍ରିପାଠୀ ଓ ପ୍ରଧାନଶିକ୍ଷକ ସାମଲଙ୍କ ଅନୁରୋଧ କ୍ରମେ ଗୁରୁବାର ଅନୁଷ୍ଠିତ ୫-ଟି ସଚିବଙ୍କ ଭିସି ବୈଠକରେ ସେଠୀ ଯୋଗ ଦେଇଥିଲେ।

# ପୋଲିସ ଗାଡ଼ିରୁ ଅଭିଯୁକ୍ତ ଚମ୍ପଟ୍

ପାରାଦୀପ,୨୦।୧୦(ସ୍ୱ.ପ୍ର.)

ପାରାଦୀପ ଆଦର୍ଶ ଥାନା ପୋଲିସ ଗୁରୁବାର ଅପରାହ୍ନରେ ଜଣେ ଅଭିଯୁକ୍ତଙ୍କୁ କୁଜଙ୍ଗ କୋର୍ଟରେ ହାଜର କରିବାକୁ ନେଉଥିବାବେଳେ ସେ ଚମ୍ପଟ୍ ମାରିଛନ୍ତି। କଟକ-ପାରାଦୀପ ରାସ୍ତାର ଲକ୍ ଥାନା ପାଖରେ ଅଭିଯୁକ୍ତ ଗାଡିରୁ ଡେଇଁ ପଳାଇ ଯାଇଥିବା କୁହାଯାଉଛି। ଘଟଣା ପରେ ପାରାଦୀପ ଆଦର୍ଶ ଥାନା ଓ ଲକ୍ ଥାନା ପୋଲିସ ଉକ୍ତ ଅଞ୍ଚଳରେ ବ୍ୟାପକ ତଲାସି କରୁଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପୋଲିସ ଅଭିଯୁକ୍ତଙ୍କୁ ଧରିପାରି ନ ଥିଲା। ଫେରାର ଅଭିଯୁକ୍ତ ହେଲେ ଅଠରବାଙ୍କି ଅଞ୍ଚଳର ରବୀନ୍ଦ୍ର ମଣ୍ଡଳ। ତାଙ୍କୁ ପାରାଦୀପ ଆଦର୍ଶ ଥାନା ପୋଲିସ ବ୍ରାଉନ୍‌ସୁଗାର ବେପାର ଅଭିଯୋଗରେ ଗିରଫ କରିଥିଲା। ଏନେଇ ମାମଲା (ନଂ. ୩୪୦/୨୨) ରୁଜୁ ହୋଇଛି। ସେ ଫେରାର ହେବା ଘଟଣାରେ ଲକ୍‌ଥାନା ପୋଲିସ ଆଉ ଏକ ମାମଲା (ନଂ.୩୩୩/୨୨)ରୁଜୁ କରିଛି ବୋଲି ଲକ୍ ଥାନାଧିକାରୀ ସବ୍ୟସାଚୀ ରାଉତ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ପାରାଦୀପ ଆଦର୍ଶ ଥାନା ଅଧିକାରିଣୀ ଶୁଭଲକ୍ଷ୍ମୀ ପୂଜାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ହେ ସେ ଫୋନ ଉଠାଇ ନ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦମୟନ୍ତୀ



@ ଅଭିନାଶ



@ ଆଦି



@ ଆଦିତ୍ୟ



@ ବିପିନ୍

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୭ ଦିନରେ ସମାଧାନ ନ ହେଲେ ଆନ୍ଦୋଳନ

କୁଜଙ୍ଗ,୨୦।୧୦(ଡି.ଏନ୍.ଏ.)

**କୁଜଙ୍ଗ-ଚଟୁଆ ରାସ୍ତା ଅବସ୍ଥା ଶୋଚନୀୟ**

କୁଜଙ୍ଗ-ଚଟୁଆ ରାସ୍ତା ଅବସ୍ଥା ୪ ବର୍ଷହେବ ଶୋଚନୀୟ ହୋଇଯାଇଛି। କୁଜଙ୍ଗ ଗ୍ରାମ୍ୟ ଉନ୍ନୟନ ଅଧୀନରେ ଥିବା ଏହି ରାସ୍ତାଦେଇ ପୁରୀ ଜିଲାର ଅସ୍ତରଙ୍ଗ, ଜଗତ୍‌ସିଂହପୁର ଜିଲାର ବାଲିକୁଦା, ନାଉଗାଁ, ଏରସମା, କୁଜଙ୍ଗ ବ୍ଲକ ସମେତ ପାରଦୀପ ବନ୍ଦର ଏବଂ ଶିଳ୍ପାଞ୍ଚଳର ଲୋକେ ଯାତାୟାତ କରିଥାନ୍ତି। ମାତ୍ର ରାସ୍ତା ଖରାପ ହୋଇଯାଇଥିବାରୁ ସାଧାରଣ ଲୋକଙ୍କ ସମେତ ଛାତ୍ରୀଛାତ୍ର ଓ ରୋଗୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ମନୋଭାବ ଯୋଗୁ ଏହି ସମସ୍ୟା ଦୂର ହେଉ ନଥିବା ଅଭିଯୋଗ କରି ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସହକାରୀ ଯନ୍ତ୍ରୀଙ୍କୁ ଏକ ଦାବି ପତ୍ର ଦିଆଯାଇଛି। ସାତ ଦିନ ମଧ୍ୟରେ ରାସ୍ତା ମରାମତି କରାନଗଲେ ଜୋରଦାର ଆନ୍ଦୋଳନ ହେବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଯୁବମୋର୍ଚ୍ଚା ସଂଯୋଜକ ଅକ୍ଷୟ ଦାସ, ବାଲିଆ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ପ୍ରକାଶ ନାୟକ, ନାଏବ ସରପଞ୍ଚ ସମରେନ୍ଦ୍ର ପ୍ରଧାନ, କୁଜଙ୍ଗ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଦୁଷ୍ମନ୍ତ ନାଥଶର୍ମା, ଅଭିଷେକ ସ୍ୱାଇଁ, ଗୋପାଳ ସାହୁ, ସରୋଜ ନାଥଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।



ଶୋଚନୀୟ ହୋଇପଡ଼ିଥିବା କୁଜଙ୍ଗ-ଚଟୁଆ ରାସ୍ତା ।

# ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ ସୁପାରିସ କଲେ ଡିଇଓ

ଜଗତ୍‌ସିଂହପୁର ଅଫିସ, ୨୦।୧୦

**କମଳଲୋଚନ ଉଚ୍ଚ ବିଦ୍ୟାଳୟ ଛାତ୍ର ମୃତ୍ୟୁ ପ୍ରସଙ୍ଗ**

ନାଉଗାଁ ବ୍ଲକ ନୂଆଗାଁ ପଞ୍ଚାୟତ ଅଧୀନ ସୁଧକଣ୍ଠି ଗ୍ରାମସ୍ଥିତ କମଳଲୋଚନ ଉଚ୍ଚ ବିଦ୍ୟାଳୟ ପରିସରରେ ଗତ ୨ ତାରିଖ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀରେ ଏକ ଅଭାବନୀୟ ଘଟଣା ଘଟିଥିଲା। ଏହି ପରିସରସ୍ଥ ପୋଖରୀରେ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ର ଶ୍ରୀତମ୍ ନାୟକ(୧୫)ଙ୍କ ଦୁଃଖଦ ମୃତ୍ୟୁ ହୋଇଥିଲା। ଶ୍ରୀତମ୍‌ଙ୍କ ମୃତ୍ୟୁ ପାଇଁ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଜୟ କୁମାର ସାହୁ ଦାୟୀ ବୋଲି ମୃତକଙ୍କ ଜେଜେ ଶିବ ଚରଣ ନାୟକ ନାଉଗାଁ ଥାନାରେ ଅଭିଯୋଗ କରିଥିଲେ। ଏନେଇ ମାମଲା ରୁଜୁ ହେବା ସହ ତଦନ୍ତ ଜାରି ରହିଛି। ଅନ୍ୟପଟେ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ନାଉଗାଁ ବ୍ଲକ ଶିକ୍ଷା ଅଧିକାରୀ ତଦନ୍ତ ଆରମ୍ଭ କରିଥିଲେ। ରିପୋର୍ଟ ପାଇଲା ପରେ ପ୍ରଧାନଶିକ୍ଷକ ସାହୁଙ୍କୁ ନିଲମ୍ବନ ପାଇଁ ବିଦ୍ୟାଳୟ ପରିଚାଳନା କମିଟିକୁ ଡିଇଓ ଚିଠି କରିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

ପ୍ରଧାନଶିକ୍ଷକ ସାହୁ ବିଦ୍ୟାଳୟ ପରିସରରେ ରହିବା ସହ ପିଲାଙ୍କୁ ପଢ଼ାନ୍ତି । ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀରେ ବିଦ୍ୟାଳୟ ଛୁଟି ଥିଲେ ସୁଦ୍ଧା ସେ ସନ୍ଦେହ ମୋଚନ (ଡାଉଟ୍ କ୍ଲିୟର) ପାଇଁ ବିଦ୍ୟାଳୟ ପରିସରରେ ବଳକା କ୍ଲାସ୍ କରିଥିଲେ ବୋଲି ସଫେଇ ଦେଇଛନ୍ତି। ପଢ଼ା ପରେ ପିଲାମାନେ ଏହାର ପରିସରରେ ଖେଳିଥିଲେ। ଜଣେ ଛାତ୍ର ପୋଖରୀରେ ଗାଧାଇବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ଶ୍ରୀତମ୍ ଉଦ୍ଧାର ପାଇଁ ଚେଷ୍ଟା କରି ଫସି ଯାଇଥିଲେ ବୋଲି ସେତେବେଳେ କୁହାଯାଉଥିଲା। ଏହି ଅଘଟଣ ଘଟିବା ପରେ ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନାଉଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଶ୍ରୀତମ୍‌ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ପ୍ରସଙ୍ଗକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ମୃତ ପରିବାରକୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ୩ ତାରିଖରେ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ସୁବ୍ରତ ଦାସ ଅଭିଯୋଗ କରିଥିଲେ । ୧୦ରେ ଗ୍ରାମବାସୀଙ୍କ ତରଫରୁ କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଥିଲା। ୧୩ରେ ଘୋଡାଂଶ ଗ୍ରାମବାସୀଙ୍କ ତରଫରୁ ବିକ୍ଷୋଭ କରାଯାଇଥିଲା। ଏହିଦିନ ଓଡ଼ିଶା ଅଭିଭାବକ ମହାସଂଘ ଜିଲା ଶାଖା ତରଫରୁ ମୃତକଙ୍କ ପରିବାରକୁ ଭେଟିବା ସହ ନ୍ୟାୟ ଦାବି କରିଥିଲେ। ୧୧ରେ ରୋହିଆ ଉଚ୍ଚ ବିଦ୍ୟାଳୟ ପିଲାମାନେ ବିଦ୍ୟାଳୟ ପରିସରରେ ଶ୍ରୀତମ୍‌ଙ୍କୁ ନ୍ୟାୟ ଦେବାକୁ ଦାବି କରିଥିଲେ। ଗତ ୧୮ ତାରିଖରେ ସରପଞ୍ଚ ନିହାର ବସ୍ତିଆ ଘୋଡାଂଶ ପଞ୍ଚାୟତ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ ଡାକି ଠିକ ତଦନ୍ତ ସହ ୩୧ ତାରିଖ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ନଚେତ୍ ଜନଶୁଣାଣିରେ ଶତାଧିକ ମହିଳା ଧାରଣା ଦେବେ ବୋଲି ଚେତାବନୀ ଦିଆଯାଇଥିଲା। ଏସବୁ ପରେ ନାଉଗାଁ ବିଇଓ ତଦନ୍ତ ରିପୋର୍ଟ ଡିଇଓଙ୍କୁ ଦେଇଥିଲେ। ଏହାପରେ ଜିଲା ଶିକ୍ଷା ବିଭାଗ ତତ୍ପର ହୋଇଛି। ପ୍ରଧାନଶିକ୍ଷକଙ୍କ ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କ ଜୀବନ ଗଲା ବୋଲି ସ୍ପଷ୍ଟ ହେଲାପରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ ପାଇଁ ପ୍ରକ୍ରିୟା ଚାଲିଛି। ଯେହେତୁ ବିଦ୍ୟାଳୟଟି ପୂର୍ଣ୍ଣ ସରକାରୀ ନୁହେଁ, ଅର୍ଥାତ୍ ଅନୁଦାନପ୍ରାପ୍ତ (ଏଡେଡ୍) ତେଣୁ ନିଲମ୍ବର କରିବା ଡିଇଓଙ୍କ କ୍ଷମତା ନ ଥିବାରୁ ସେ ଏଭଳି ସୁପାରିସ କରିଥିବା ଜଣାପଡିଛି ।

## ସଂକ୍ଷେପରେ

### ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର



ରାଜକନିକା,୨୦।୧୦(ଡି.ଏନ.ଏ.): ରାଜକନିକା ବ୍ଲକ ପରିସରରେ ଓରମାସ ଓ ଅକ୍ଷସମାକ୍ସର ମିଳିତ ସହଯୋଗରେ ବ୍ଲକର ସ୍ୱାବଲମ୍ବୀ କାରିଗର ଏବଂ ପମ୍ପ ଚାଳକମାନଙ୍କର ଦକ୍ଷତା ବୃଦ୍ଧି ଲାଗି ତାଲିମ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ସଞ୍ଜୟ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବିଡିଓ ରବିନାରାୟଣ ଆଚାର୍ଯ୍ୟ ଯୋଗଦେଇ ଏହି ତାଲିମ ଶିବିରକୁ ଉଦଘାଟନ କରିଥିଲେ। ଶିବିରରେ ୪୩ ଜଣ ସ୍ୱାବଲମ୍ବୀ କାରିଗର ଓ ପମ୍ପ ଚାଳକମାନଙ୍କୁ ୧୦ ଦିନ ଧରି ଦକ୍ଷତା ବୃଦ୍ଧି ଲାଗି ତାଲିମ ଦେବେ ମାଷ୍ଟର ଟ୍ରେନର ଅକ୍ଷସମାକ୍ସର ବିଜୟ କୁମାର ବାରିକ, ମାଷ୍ଟର ଟ୍ରେନର କୁବେର କୁମାର ନାୟକ, ପ୍ରୋଜେକ୍ଟ କୋଡିନେଟର ଓରମାସର ଶକ୍ତିରଞ୍ଜନ ପୋଥାଳ ଓ ସେଣ୍ଟର ମୁଖ୍ୟ ଓରମାସର ଦେବୀପ୍ରସାଦ ଷଡଙ୍ଗୀ। ଏମାନେ ତାଲିମ ନେବା ପରେ ଆଗାମୀଦିନରେ ଗ୍ରାମାଞ୍ଚଳରେ ଜଳ ଜୀବନ ମିଶନ ଦ୍ୱାରା ପ୍ରତ୍ୟେକ ଘରେ ଜଳ ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ସେହି ସମୟରେ ତାଲିମ ନେଇଥିବା ସ୍ୱାବଲମ୍ବୀ କାରିଗର ଓ ପମ୍ପ ଚାଳକମାନେ ଠିକ୍ ଭାବେ ତୃଣମୂଳ ସ୍ତରରେ କାମ ତ୍ୱରାନ୍ୱିତ କରି ପାରିବେ। ଶିବିରରେ ସ୍ୱାବଲମ୍ବୀ କାରିଗର ଓ ପମ୍ପ ଚାଳକ ସଂଘର ଜିଲା ସଭାପତି ନୟନ କିଶୋର ମଲ୍ଲିକ ଓ ସଂଘର ଉପଦେଷ୍ଟା ନିରଞ୍ଜନ ଓଝା ଉପସ୍ଥିତ ଥିଲେ।

### ମନ୍ଦିରରୁ ଚୋରି ଅଭିଯୋଗରେ ବାପପୁଅ ଗିରଫ

ଚଣ୍ଡିଖୋଲ,୨୦।୧୦(ଡି.ଏନ.ଏ.): ବିଭିନ୍ନ ମନ୍ଦିରରୁ ଚୋରି କରୁଥିବା ଅଭିଯୋଗରେ ବାଲିଚନ୍ଦ୍ରପୁର ପୋଲିସ ବାପପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ବଡ଼ ବାଲିକୁଦା ଗ୍ରାମର ବାସୁଦେବ ଦେଓ(୬୦) ଓ ତାଙ୍କ ପୁଅ ପବିତ୍ର ଦେଓ(୨୮)। ଗତ ୧୭ ତାରିଖ ରାତିରେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ମାଣ୍ଡୁକାସ୍ଥିତ ବିରୂପାକ୍ଷେଶ୍ୱର ଶିବ ମନ୍ଦିରରୁ ଚୋରି ହୋଇଥିଲା। ପରେ ହଳଧରପୁରଠାରେ ଥିବା ଏକ ମନ୍ଦିରରୁ ମଧ ଚୋରି ହୋଇଥିଲା। ଏହାପରେ ବାପପୁଅ ଫେରୁଥିବା ବେଳେ ବରୀ ରାମଚନ୍ଦ୍ରପୁର ଥାନା ପାଟ୍ରୋଲିଂ ପୋଲିସ ସେମାନଙ୍କୁ ଧରିଥିଲା। ପଚରା ଉଚରା କରିବା ପରେ ସେମାନେ ବାଲିଚନ୍ଦ୍ରପୁର ଥାନା ଅଧୀନରେ ଥିବା ୨ ମନ୍ଦିରରୁ ଚୋରି କରିଥିବା ସ୍ୱୀକାର କରିଥିଲେ। ଏ ସମ୍ପର୍କରେ ବରୀ ପୋଲିସ ବାଲିଚନ୍ଦ୍ରପୁର ଥାନାକୁ ଖବର ଦେଇଥିଲା। ବାଲିଚନ୍ଦ୍ରପୁର ପୋଲିସ ସେମାନଙ୍କୁ ଆଣି ପଚରା ଉଚରା କରିବା ପରେ ବାପପୁଅ ବିଭିନ୍ନ ମନ୍ଦିରରୁ ପିତଳ ବାସନ ଚୋରି କରି ଧର୍ମଶାଳା ଅଞ୍ଚଳରେ ବିକ୍ରି କରିଥିବା କହିଥିଲେ। ପରେ ପୋଲିସ ସେମାନେ ବିକ୍ରି କରିଥିବା ସ୍ଥାନଗୁଡ଼ିକରେ ଚଢ଼ାଉ କରି ୮୦ ହଜାର ଟଙ୍କା ମୂଲ୍ୟର ପିତଳ ବାସନ ଜବତ କରିଛି। ଏନେଇ ଥାନାରେ ନଂ.୩୭୬/୨୨ରେ ଏକ ମାମଲା ରୁଜୁ ହୋଇଛି।

# ହେନ୍ତାଳ, ଲୁଣା ଜଙ୍ଗଲ: ବାତ୍ୟାର ପ୍ରଭାବ କମ୍ ରହିବ

ମହାକାଳପଡା,୨୦।୧୦(ଡି.ଏନ.ଏ.)



ମହାକାଳପଡ଼ାରେ ବିସ୍ତୀର୍ଣ୍ଣ ହେନ୍ତାଳ ଓ ଲୁଣା ଜଙ୍ଗଲ।



ସମ୍ଭାବ୍ୟ ବାତ୍ୟା ଆଶଙ୍କା କରି ସମୁଦ୍ରରୁ ଫେରୁଛନ୍ତି ମତ୍ସ୍ୟଜୀବୀ।

ବଙ୍ଗୋପସାଗରରେ ଲଘୁଚାପଜନିତ ପ୍ରଭାବ ଓ ବାତ୍ୟାକୁ ମୁକାବିଲା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। କେନ୍ଦ୍ରାପଡ଼ା ଜିଲା ବାତ୍ୟାପ୍ରବଣ ଅଞ୍ଚଳ ହୋଇଥିବାରୁ ଜିଲା ପ୍ରଶାସନ ଉପକୂଳ ତଳିଆ ଅଞ୍ଚଳର ବାସିନ୍ଦାମାନଙ୍କ ପାଇଁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ସେହିପରି ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ବାତ୍ୟାକୁ ନେଇ ଅଞ୍ଚଳବାସୀଙ୍କ ଭୟ ଥିଲେ ମଧ ସମୁଦ୍ର ପାର୍ଶ୍ୱରେ ବିସ୍ତୀର୍ଣ୍ଣ ହେନ୍ତାଳ ବଣ ଓ ଲୁଣା ଜଙ୍ଗଲ ଯୋଗୁ ବାତ୍ୟାର ପ୍ରଭାବ କମ୍ ରହିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ବିଶେଷକରି ୧୯୯୯ ମହାବାତ୍ୟାକୁ ଏହି ଅଞ୍ଚଳବାସୀ ସାମ୍ନା କରିଥିଲା। ବ୍ଲକର ଜମ୍ବୁ ପଞ୍ଚାୟତ ବଙ୍ଗୋପସାଗର ତଟରେ ଅବସ୍ଥିତ ଲୁଣା ଓ ହେନ୍ତାଳ ଜଙ୍ଗଲଘେରା ଗ୍ରାମ କଣ୍ଡରା ପାଟିଆ। ଏହି ଗ୍ରାମରେ ୧୦୦ ପରିବାରର ୫୦୦ରୁ ଊର୍ଦ୍ଧ୍ୱ ଜନସଂଖ୍ୟା। ଏହି ଗ୍ରାମର ଅନେକ ବୟସ୍କମାନଙ୍କୁ ପଚାରିବାରୁ କୁହନ୍ତି, ୧୯୯୯ ମହାବାତ୍ୟା ସମୟରେ ଆମକୁ ସମୁଦ୍ରର କରାଳ ଦୃଶ୍ୟକୁ ଏହି ବିଶାଳ ଜଙ୍ଗଲ ରକ୍ଷା କରିଥିଲା। ଜୀବନରେ ଅନେକ ସାମୁଦ୍ରିକ ଝଡ ତୋଫାନକୁ ସାମ୍ନା କରିଥିଲେ ମଧ ଏହି ଦୀପାବଳିରେ ଯେଉଁ ବାତ୍ୟା ହେବ ବୋଲି ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି ଆମେ ନିଶ୍ଚିତ ସଚେତନ ହେବୁ। ହେଲେ ଆମ ଗାଁ ଜଙ୍ଗଲ ଅଛି, ସେ ହିଁ ଆମର ବଡ଼ ବଳ ବୋଲି କହିଛନ୍ତି ସୁବିମଳ ଦଣ୍ଡପାଟ, ମନ୍ତୁ ମଣ୍ଡଳ, ଶ୍ରୀପତି ମଜୁମଦାର, ବାସୁ ମଜୁମଦାର, ହୃଷୀକେଶ ଗିରି, ମହାଦେବ ମଣ୍ଡଳ, ଅମଳ ସରକାର। ବାତ୍ୟା ହେଲେ ସାମୁଦ୍ରିକ ଲୁଣା ପାଣି ଆମ ଜମିରେ ପ୍ରବେଶ କରି ଫସଲ ନଷ୍ଟ ହୋଇଯିବା ଆଶଙ୍କା ରହିଛି ବୋଲି ଗ୍ରାମବାସୀ କହିଛନ୍ତି। ପୂର୍ବାପେକ୍ଷା ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦିଆଯାଉଛି। ସେହିପରି ବ୍ଲକର ବହୁ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ମାରିବାକୁ ଯାଆନ୍ତି। ପ୍ରଶାସନ ପକ୍ଷରୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି। ଫଳରେ କେତେଜଣ ମତ୍ସ୍ୟଜୀବୀ ଜାଲ ଡଙ୍ଗା ଧରି ସମୁଦ୍ରରୁ କୂଳକୁ ଫେରୁଥିବା ଦେଖିବାକୁ ମିଳିଛି। ଅପରପକ୍ଷରେ ବ୍ଲକ ପ୍ରଶାସନ ପକ୍ଷରୁ ସମୁଦ୍ରକୂଳବର୍ତ୍ତୀ ବାସିନ୍ଦାମାନଙ୍କୁ ନୀଚା ସ୍ଥାନ ଛାଡି ଉଚ୍ଚ ଜାଗାକୁ ଆସି ସୁରକ୍ଷିତ ଭାବେ ରହିବାକୁ କୁହାଯାଇଛି। ସମ୍ଭାବ୍ୟ ବାତ୍ୟା ଆଶଙ୍କା କରି ସ୍ଥାନୀୟ ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକୁ ଖାଲି କରିବା ସହ ଆବଶ୍ୟକ ଅନୁସାରେ ପାନୀୟ ଜଳ ଯୋଗାଣକୁ ଗୁରୁତ୍ୱ ଦିଆଯାଇଛି। ସମସ୍ତ ଜନପ୍ରତିନିଧି, ମହିଳା ସଙ୍ଗଠନ, ସ୍ୱାସ୍ଥ୍ୟ କର୍ମଚାରୀ, ଆଶା, ଅଙ୍ଗନୱାଡି କର୍ମୀମାନେ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ବ୍ଲକର ବଟିଘର, ଖରିନାସୀ, ରାମନଗର, ଜମ୍ବୁ, ବଉଳକଣି, ସୁନିତି, ନାଞ୍ଚୁରା, ପେଟ୍‌ଛେଲା ପଞ୍ଚାୟତ ଆଦି ସମେତ ଅନ୍ୟ ତଳିଆ ଅଞ୍ଚଳରେ ପ୍ରଶାସନ ସତର୍କ ଦୃଷ୍ଟି ରଖିଛି ବୋଲି କୁହାଯାଇଛି।

## ଜେଏସଡବ୍ଲ୍ୟୁ ପକ୍ଷରୁ ସୁରକ୍ଷାକର୍ମୀ ଚୟନ ପ୍ରକ୍ରିୟା ଆରମ୍ଭ

କୁଜଙ୍ଗ,୨୦।୧୦(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲାର ପାରାଦୀପ ଓ କେନ୍ଦୁଝରଠାରେ ଥିବା ଜେଏସଡବ୍ଲ୍ୟୁ କମ୍ପାନୀର ସହଯୋଗୀ କମ୍ପାନୀ ପାଇଁ ସୁରକ୍ଷା କର୍ମୀ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି । ଏନେଇ କମ୍ପାନୀର ପକ୍ଷରୁ ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳ ଢିଙ୍କିଆର ମାହାଳଠାରେ ପ୍ରଥମ ପର୍ଯ୍ୟାୟ ଚୟନ ଆରମ୍ଭ ହୋଇଛି । ସମୁଦାୟ ୧୨୦ ସୁରକ୍ଷା କର୍ମୀ ପଦବୀ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରଥମ ପର୍ଯ୍ୟାୟରେ ସ୍ଥାନୀୟ ଅଞ୍ଚଳର ୪୦ ଜଣ ଯୁବକ ଏଥିରେ ସାମିଲ ହୋଇଛନ୍ତି। ଏହି ପଦବୀ ପୂରଣ ପାଇଁ ବିଜ୍ଞପ୍ତି ଅନୁସାରେ ପ୍ରସ୍ତାବିତ ଢିଙ୍କିଆ, ନୂଆଗାଁ ଓ ଗଡକୁଜଙ୍ଗ ପଞ୍ଚାୟତରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ସୁରକ୍ଷା କର୍ମୀ ଚୟନ ନିମନ୍ତେ ବୟସ ସୀମା ୧୮ ରୁ ୩୫ ବର୍ଷ ହୋଇଥିବା ବେଳେ ଉଚ୍ଚତା ୫ଫୁଟ ୬ଇଞ୍ଚ ରହିଛି। ଯୋଗ୍ୟ ପ୍ରାର୍ଥୀମାନେ ପରବର୍ତ୍ତୀ ସମୟରେ ପୋଲିସ ଭେରିଫିକେସନ ଓ ଡାକରୀ ପ୍ରମାଣ ପତ୍ର ଦାଖଲ କରିବେ । ଏହି ବର୍ଗର ନିଯୁକ୍ତି ୬ମାସ ପାଇଁ ଚୁକ୍ତିବଦ୍ଧ ରହିବ। ପରବର୍ତ୍ତୀ ସମୟରେ ଦକ୍ଷତା ଓ କୌଶଳକୁ ଦେଖି ସମୟ ସୀମା ବୃଦ୍ଧି କରାଯିବ ବୋଲି ସେଥିରେ ଦର୍ଶାଯାଇଛି।

# ଠୁଟୁନି ବିସ୍ଥାପନ ସମସ୍ୟା, ସାତଭାୟାବାସୀଙ୍କ ଗଣଧାରଣା




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାତଭାୟାବାସୀଙ୍କ ଗଣଧାରଣ।

କେନ୍ଦ୍ରାପଡ଼ା ଅଫିସ, ୨୦।୧୦

ସମୁଦ୍ର ମୁହଁରେ ଥିବା ସାତଭାୟାବାସୀଙ୍କୁ ଅଦ୍ୟାବଧି ନ୍ୟାୟ ମିଳିନାହିଁ। ୬୫ରୁ ଊର୍ଦ୍ଧ୍ୱ ପରିବାରଙ୍କୁ ଥଇଥାନ ବ୍ୟବସ୍ଥାରୁ ବଞ୍ଚିତ କରାଯାଇଛି। ଏଥିରେ ୪୦ରୁ ଊର୍ଦ୍ଧ୍ୱ ପରିବାର ଅନୁସୂଚିତ ଜାତିର ଅଛନ୍ତି। ବଗପାଟିଆ ଥଇଥାନ ସ୍ଥଳରେ ଏହି ପରିବାରଙ୍କୁ ଜମି ଚିହ୍ନଟ ସହ ଆନୁଷଙ୍ଗିକ ସରକାରୀ ସହଯୋଗ ଦାବିରେ ରାଜନଗର ବ୍ଲକ ସାତଭାୟାର ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାରଠାରୁ ଗଣଧାରଣା ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ସାତଭାୟା ପୁନର୍ବସତି ଓ ଥଇଥାନ ମଞ୍ଚ ଆବାହକ ଡ. ଧରଣୀଧର ରାଉତ କହିଛନ୍ତି ଯେ, ସମୁଦ୍ର ନିକଟରେ ଥିବା ସାତଭାୟାରେ ଦ୍ରୁତ ତଟକ୍ଷୟ ହେଉଛି। ଦୀର୍ଘ ୫୦ବର୍ଷର ଆନ୍ଦୋଳନ ପରେ ରାଜ୍ୟ ସରକାର ସାତଭାୟାବାସୀଙ୍କୁ ନିକଟସ୍ଥ ବଗପାଟିଆକୁ ସ୍ଥାନାନ୍ତର କରିଛନ୍ତି। ୨୦୧୧ରେ ମୋଟ ୭୧୧ ପରିବାର ସ୍ଥାନାନ୍ତର ପାଇଁ ଜିଲା ପ୍ରଶାସନଠାରୁ ଆରମ୍ଭ କରି କୋର୍ଟ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରାଯାଇଛି। ୨୦୧୫ରେ ଜିଲା ପ୍ରଶାସନ ପକ୍ଷରୁ ଥଇଥାନସ୍ଥଳ ବଗପାଟିଆକୁ ସ୍ଥାନାନ୍ତର ପାଇଁ ୫୭୧ ପରିବାରକୁ ଚିହ୍ନଟ କରାଯାଇଥିବା ବେଳେ ୨୦୧୮ରେ ୧୪୮ ପରିବାର ଓ ଚାରିଘରିଆର ୯୯ ପରିବାର ପାଇଁ ଜମି ଚିହ୍ନଟ ବ୍ୟବସ୍ଥା ହୋଇଛି। ଏହି ଚିହ୍ନଟରେ ମାତ୍ର ୪ଟି ଘରରୁ ୯୯ ପରିବାରରେ ପହଞ୍ଚି ଥିବା ବାଲାଂଦେଶୀଙ୍କୁ ଜମି ଦିଆଯାଇଥିବା ବେଳେ ପୁରୁଷାନୁକ୍ରମେ ରହି ଆସୁଥିବା ସାତଭାୟାର ବରାହୀପୁର, ମଗରକନ୍ଦା, ଅଡ଼ସଲ ଆଦି ପଡା ଗ୍ରାମର ୬୫ ପରିବାରଙ୍କ ପାଇଁ ଜମି ଚିହ୍ନଟ ହୋଇନାହିଁ। ସରକାରୀ ସ୍ଥାନାନ୍ତର ଯୋଜନାରେ ସାମିଲ କରିବା, ଥଇଥାନସ୍ଥଳ ରାସ୍ତାକୁ କଂକ୍ରିଟ କରିବା, ଶିକ୍ଷକ ନିଯୁକ୍ତି, ସ୍ଥାନୀୟ ନଦୀକୂଳକୁ ସ୍ଳର ବନ୍ଧ କରିବା ଆଦି ଦାବିରେ ଏହି ଗଣଧାରଣା ଦିଆଯାଇଥିବା ଆବାହକ ଡ. ରାଉତ ସୂଚନା ଦେଇଛନ୍ତି।

## ଦୁର୍ବୃତ୍ତଙ୍କ ଆକ୍ରମଣରେ ଖବରଦାତା ଗୁରୁତର, କଟକ ସ୍ଥାନାନ୍ତର

କେନ୍ଦ୍ରାପଡା ଅଫିସ, ୨୦।୮:

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଭରତପୁରଠାରେ ଏକ ବୈଦ୍ୟୁତିକ ଗଣମାଧ୍ୟମର ଜିଲା ପ୍ରତିନିଧି ପ୍ରଭାତ ଲେଙ୍କାଙ୍କୁ ଗୁରୁବାର ଦୁର୍ବୃତ୍ତମାନେ ଆକ୍ରମଣ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଚିକିତ୍ସା ପାଇଁ ପଟ୍ଟାମୁଣ୍ଡାଇ ଚିକିତ୍ସାଳୟ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ଲାଗି ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣ ସମ୍ପର୍କରେ ପ୍ରଭାତଙ୍କ ସ୍ତ୍ରୀ ସୁମିତ୍ରା ଆଳି ଥାନା ଓ କେନ୍ଦ୍ରାପଡ଼ା ଟାଉନ ଥାନାରେ ଅଭିଯୋଗ ପତ୍ର ଦେଇଛନ୍ତି। ଅଭିଯୋଗ ମୁତାବକ, ଖରସ୍ରୋତା ନଦୀରୁ ବେଆଇନ ଭାବେ ବାଲି ଚୋରା ଚାଲାଣ ହୋଇଥିବା ନେଇ ବୁଧବାର ସ୍ୱାମୀ ପ୍ରଭାତ ଖବର ଟିଭିରେ ପ୍ରଦର୍ଶନ କରିଥିଲେ। ଗୁରୁବାର ପୂର୍ବାହ୍ନରେ ଅଧିକ ଖବର ପ୍ରସାରଣ ପାଇଁ ସେହି ସ୍ଥାନକୁ ଯାଇଥିଲେ। ତେବେ ଜଣେ ବ୍ୟକ୍ତି ଫୋନ ଯୋଗେ ବେଆଇନ ବାଲି ଘାଟର ଅଧିକ ଭିଜୁଆଲ ଓ ଅର୍ଚ୍ଚନା ନାଗଙ୍କ ସମ୍ପର୍କରେ ତଥ୍ୟ ଦେବାକୁ ଭରତପୁରକୁ ଆସିବାକୁ କହିଥିଲେ। ସେଠାରେ ପ୍ରଭାତ ପହଞ୍ଚିବା ପରେ ଏକ ରାଜନୈତିକ ଦଳର ଜଣେ ବରିଷ୍ଠ ନେତା ଓ ପ୍ରାୟ ୧୫ରୁ ଅଧିକ ସମର୍ଥକ ତାଙ୍କୁ ମାଡ ମାରିଥିଲେ। ଏଥିସହ ପ୍ରଭାତଙ୍କ ସୁନାମୁଦି ଓ ଫୋନ ଛଡାଇ ନେଇଥିଲେ। ସ୍ଥାନୀୟ ନେତାଙ୍କ ବିରୋଧରେ ଖବର ପ୍ରସାରଣ କରିଥିବାରୁ ଜୀବନରୁ ମାରି ଦେବାର ସମସ୍ତ ବ୍ୟବସ୍ଥା କରିଥିଲେ। ତେବେ କ୍ୟାମେରାମ୍ୟାନ ସରୋଜ ରାଉତ ଓ ଅନ୍ୟ କେତେଜଣ ବ୍ୟକ୍ତି ପ୍ରଭାତଙ୍କୁ ଏହି ଆକ୍ରମଣରୁ ଉଦ୍ଧାର କରିଥିଲେ।

# ଜିଲା ସଂସ୍କୃତି ଭବନକୁ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

**ଜିଲାର କଳା, ସଂସ୍କୃତି ବିକାଶରେ ଭବନ ସହାୟକ ହେବ**

ଡେରାବିଶ, ୨୦।୧୦(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଗୁଆଲସିଂ ପଞ୍ଚାୟତ ଉଦୟନଗରଠାରେ ଜିଲା ସଂସ୍କୃତି ଭବନ ଗୃହକୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଲୋକାର୍ପିତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, କେନ୍ଦ୍ରାପଡ଼ା ଜିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ମୁଁ ସଦା ସର୍ବଦା ଚେଷ୍ଟିତ। ଏହି ସଂସ୍କୃତି ଭବନ ଜିଲାର କଳା ଓ ସଂସ୍କୃତି ବିକାଶ ସହାୟକ ହେବ। ସଂସ୍କୃତି ଭବନ ନିର୍ମାଣରେ ୫ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟ ହୋଇଛି। ସଂସ୍କୃତି ଭବନ ଲୋକାର୍ପଣ ଉତ୍ସବରେ ଜିଲାପାଳ ଅମୃତ ଋତୁରାଜ ଅଧ୍ୟକ୍ଷତା କରିଥିଲେ। ଏଥିରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳୀ ସେଠୀ, ଜିଲାପରିଷଦ ଉପସଭାପତି ଅଶୋକ କୁମାର ପ୍ରତିହାରୀ ଓ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲ୍ଲିକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାର କଳା ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିବା ପାଇଁ ଜିଲା ସଂସ୍କୃତି ଭବନ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କଲା ବୋଲି ଅତିଥିମାନେ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଅତିରିକ୍ତ ଜିଲାପାଳ ପୀତାମ୍ବର ସାମଲ ସଭା ଶେଷରେ ଧନ୍ୟବାଦ ଦେଇଥିଲେ। ଜିଲା ସଂସ୍କୃତି ସଂଯୋଜିକା ଜୟଶ୍ରୀ ପତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ସଙ୍ଗୀତଜ୍ଞ ଯୋଗ ଦେଇ ସଙ୍ଗୀତ ପରିବେଶଣ କରିଥିଲେ।



ସଂସ୍କୃତି ଭବନ ଲୋକର୍ପଣ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଘାଟିତ



ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ ଓ ପିଲାମାନେ।

ପଟ୍ଟାମୁଣ୍ଡାଇ,୨୦।୧୦(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମୂଳବସନ୍ତ ନିତାଇ ଚୈତନ୍ୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସୁରଭି କାର୍ଯ୍ୟକ୍ରମକୁ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାକୁ ପରିପ୍ରକାଶ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନ୍ତଃ ନିହିତ ଗୁଣର ପରିପ୍ରକାଶ ଓ ସୃଜନଶୀଳତାର ବିକାଶ ପ୍ରକ୍ରିୟା କିଭଳି ଭାବେ ହୋଇଥାଏ, ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ପୌରାଣିକ ତଥ୍ୟ ପ୍ରଦାନ ମାଧ୍ୟମରେ ବୁଝାଇଥିଲେ। ଏଥିରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସଞ୍ଜୟ କୁମାର ସାହୁ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଖବରଦାତା ଭାସ୍କର ଚନ୍ଦ୍ର ରାଉତରାୟ, ସମ୍ମାନୀୟ ଅତିଥି ଭାବେ ଏବିଓ ଚନ୍ଦ୍ରଶେଖର ତ୍ରିପାଠୀ. ସିଆରସିସି ମଳୟ କୁମାର ଜେନା, ପ୍ରଦୀପ କୁମାର ତରାଇ, ପ୍ରଧାନ ଶିକ୍ଷକ ଦିଲୀପ କୁମାର ବିଶ୍ୱାଳ, କଳାକାର ସାହୁ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଶିଶୁ ମହୋତ୍ସବ ସୁରଭି ମାଧ୍ୟମରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଥିବା ସ୍ୱତନ୍ତ୍ର ପ୍ରତିଭାର ପରିସ୍ଫୁଟ କରିବାରେ ବିଶେଷ ସହାୟକ ହୋଇଥାଏ ବୋଲି କହିଥିଲେ। ଉତ୍ସବରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସାଧନ କେନ୍ଦ୍ର ସଂଯୋଜକ ତ୍ରିପାଠୀ ସୁରଭିର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ କ୍ରୀଡାରେ ଭାଗ ନେଇଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ ବିତରଣ କରାଯାଇଥିଲା। ଆୟୋଜିତ ସୁରଭି କାର୍ଯ୍ୟକ୍ରମକୁ ରାମଚନ୍ଦ୍ର ମିଶ୍ର, ଜାଗର ପ୍ରସାଦ ଜେନା, ସୁରତି କୁମାରୀ ଜେନା, ବନ୍ଦନା ପ୍ରଧାନ, ନିବେଦିତା ଦାସ, ବିଶ୍ୱରଞ୍ଜନ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ଅନୁପ୍ରବେଶକାରୀଙ୍କ ତଥ୍ୟ ଦେବାକୁ ଥାନାକୁ ଚିଠି

**ବାଲାଂଦେଶୀଙ୍କ କବ୍‌ଜାରେ ସାତଭାୟା ଥଇଥାନସ୍ଥଳ ଘଟଣା**

ରାଜନଗର, ୨୦।୧୦(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ସାତଭାୟା ସମୁଦ୍ର ଗର୍ଭରେ ଲୀନ ହୋଇଯିବା ପରେ ବିପନ୍ନ ଅଧିବାସୀଙ୍କୁ ବଗପାଟିଆଠାରେ ପ୍ରଶାସନ ପକ୍ଷରୁ ଥଇଥାନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୫୭୧ ପରିବାରକୁ ଥଇଥାନ କରାଯାଇଥିଲା। ଏବେ ସାତଭାୟାର ଆଉ ୧୪୮ପରିବାରଙ୍କ ସହ ଭିତରକନିକା ଜାତୀୟ ଉଦ୍ୟାନ ଭିତରେ ଥିବା ଚାରିଘରିଆର ୯୯ ପରିବାରକୁ ବଗପାଟିଆରେ ଥଇଥାନ କରାଯାଇଛି। ଚାରିଘରିଆର ଯେଉଁ ୯୯ ପରିବାରଙ୍କୁ ଥଇଥାନ ପାଇଁ ସରକାରୀ ସ୍ତରରେ ଜମି ଯୋଗାଇ ଦିଆଯାଇଛି, ସେମାନଙ୍କ ମଧ୍ୟରେ ବାଂଲା ଅନୁପ୍ରବେଶକାରୀ ଥିବା ନେଇ ଅଭିଯୋଗ ହେଉଛି। ୨୦୧୬ରେ ସେତେବେଳର ତହସିଲଦାର ଯେଉଁ ସନ୍ଦିଗ୍ଧ ବାଂଲା ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ରାଜନଗର ଥାନାରେ ଏତଲା ଦେଇଥିଲେ, ଏବେ ସେମାନଙ୍କୁ ବାଦ୍ ଦେଇ ତାଙ୍କର ଅନ୍ୟ ଦୁଇଭାଇ ଓ ୩ ଜଣ ପୁତୁରାଙ୍କୁ ଥଇଥାନ କରାଯାଇଛି। ଗୋଟିଏ ବାପର ଗୋଟିଏ ପୁଅ ଯଦି ବାଂଲାଦେଶୀ ହେଲା, ତାଙ୍କର ଆଉ ଦୁଇପୁଅ ଓ ତାଙ୍କର ୩ ଜଣ ପୁଅ କିପରି ଭାରତୀୟ ହେଲେ। ତହସିଲ ପ୍ରଶାସନ ସେମାନଙ୍କୁ ଥଇଥାନ ପାଇଁ କିପରି ଜମି ଯୋଗାଇଦେଲା। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ହରଡ଼ଘଣାରେ ପଡିଛି। ଗୁପ୍ତି ସର୍କଲର ରାଜସ୍ୱ ନିରୀକ୍ଷକ ବିଜୟ ଜେନା ତାରାପଦଙ୍କ ଦୁଇଭାଇ ଓ ୩ଜଣ ପୁତୁରା ଭାରତୀୟ ବୋଲି ତଦନ୍ତ କରି ରିପୋର୍ଟ ଦେଇଛନ୍ତି। ଏପରି କି ସେମାନେ ୩୫ ବର୍ଷ ହେଲା ଚାରିଘରିଆରେ ରହୁଛନ୍ତି ବୋଲି ରିପୋର୍ଟରେ ଦର୍ଶାଇଛନ୍ତି। ଅପରପକ୍ଷରେ ସେମାନେ ଭାରତୀୟ ବୋଲି ପ୍ରମାଣିତ କରିବାକୁ ଫଟୋ ପରିଚୟ ପତ୍ର, ଆଧାର କାର୍ଡ, ରାଶନ କାର୍ଡ ଓ ଅନ୍ୟ ସରକାରୀ କାଗଜପତ୍ର ଦେଖାଇଛନ୍ତି। ଏହି ବାଂଲାଦେଶୀଙ୍କ ସମ୍ପର୍କରେ ପ୍ରକୃତ ତଥ୍ୟ ଜାଣିବାକୁ ଗୁରୁବାର ରାଜନଗର ତହସିଲଦାର ଚିଠି ନଂ. ୪୦୩୦ରେ ରାଜନଗର ଥାନାକୁ ସେମାନଙ୍କ ପ୍ରକୃତ ପରିଚୟ ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଛି।

ରାଜନଗର ତହସିଲ ପକ୍ଷରୁ ଥାନାକୁ ଦିଆଯାଇଥିବା ଚିଠିରେ ଗଣମାଧ୍ୟମରେ ବଗପାଟିଆରେ ବାଂଲା ଅନୁପ୍ରବେଶକାରୀଙ୍କୁ ଥଇଥାନ ସମ୍ପର୍କିତ ଖବର ପ୍ରକାଶ ପାଇଛି। ତାରାପଦ ରପ୍ତାନଙ୍କ ସମେତ ୫ଜଣଙ୍କ ପ୍ରକୃତ ପରିଚୟ ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଛି। ଥାନାକୁ ଦିଆଯାଇଥିବା ଚିଠିରେ ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତ ରିପୋର୍ଟ ମଧ୍ୟ ସଂଯୋଗ କରାଯାଇଛି। ଏ ସମ୍ପର୍କରେ ତହସିଲଦାର ଅଶ୍ୱିନୀ କୁମାର ଭୂୟାଁଙ୍କୁ ପଚାରିବାରୁ ରାଜସ୍ୱ ନିରୀକ୍ଷକ ତଦନ୍ତ କରି ରିପୋର୍ଟ ଦେଇଛନ୍ତି। ସେମାନଙ୍କ ପ୍ରକୃତ ପରିଚୟ ଜାଣିବାକୁ ଆମେ ରାଜନଗର ଥାନାକୁ ଚିଠି କରିଛୁ ବୋଲି ସେ କହିଛନ୍ତି। ତଦନ୍ତ ରିପୋର୍ଟ ପରେ ସନ୍ଦିଗ୍ଧଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ୭୦ ଦଶକ ପରଠୁଁ ବଙ୍ଗୋପସାଗର ତଟବର୍ତ୍ତୀ ରାଜନଗର ବ୍ଲକର ସମୁଦ୍ରକୂଳିଆ ଅଞ୍ଚଳରେ ବାଂଲା ଅନୁପ୍ରବେଶକାରୀଙ୍କ ଅବାଧ ପ୍ରବେଶ ଏଯାଏ ଜାରି ରହିଛି। ବାଂଲା ଅନୁପ୍ରବେଶକାରୀମାନଙ୍କ କବ୍‌ଜାରେ ରାଜନଗର ବ୍ଲକର ଅଧିକାଂଶ ପଞ୍ଚାୟତ ୯୦ ଦଶକଠାରୁ ରହି ଆସୁଅଛି। ପଞ୍ଚାୟତ ନିର୍ବାଚନଠାରୁ ଆରମ୍ଭ କରି ବିଭିନ୍ନ ପଦ ପଦବୀଙ୍କର ବାଂଲା ଅନୁପ୍ରବେଶକାରୀଙ୍କ ଦବ୍‌ଦବା ଦେଖିବାକୁ ମିଳିଛି। ବଙ୍ଗୋପସାଗରରେ ସାତଭାୟାର ୭ଟି ଗାଁ ଲୀନ ହେବା ପରେ ଅବଶିଷ୍ଟ ୫୭୧ଟି ସଂତ୍ରସ୍ଥ ପରିବାରଙ୍କୁ ରାଜ୍ୟ ସରକାର ଭିଟାମାଟିରୁ ଉଠାଇ ଆଣି ବଗପାଟିଆଠାରେ ଥଇଥାନ କରିଛନ୍ତି। ଏବେ ୫ ବାଂଲାଦେଶୀ ପରିବାରଙ୍କୁ ବଗପାଟିଆରେ ସ୍ଥାୟୀ ଭାବେ ବସବାସ କରିବାକୁ ରାଜସ୍ୱ ବିଭାଗ ଜାଗା ଚିହ୍ନଟ କରି ଦେଇଛି। ଏହାକୁ ସାତଭାୟାବାସୀଙ୍କ ସମେତ ସମଗ୍ର ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଜନଗର ତହସିଲ ପକ୍ଷରୁ ୨୦୧୬ ତଦନ୍ତ ବେଳେ ତାରାପଦ ପଶ୍ଚିମବଙ୍ଗର ନୁହେଁ, ବାଂଲାଦେଶରୁ ଆସିଥିବା ନେଇ ଜଣାପଡିଥିଲା। କିନ୍ତୁ ରାଜନୈତିକ ବଡ଼ପଣ୍ଡାମାନେ ନିଜର ସ୍ୱାର୍ଥ ପାଇଁ ପ୍ରଶାସନିକ କଳ ଉପରେ ଚାପ ପକାଇ ଥଇଥାନ କରିଛନ୍ତି ବୋଲି ଅଭିଯୋଗ ହେଉଛି। ତାରାପଦ ରପ୍ତାନଙ୍କ ସମେତ ହରିପଦ ରପ୍ତାନ, ନଳିନୀ ରପ୍ତାନ, ମାୟା ଓ ଇତିକା ବାଂଲାଦେଶର ଅନୁପ୍ରବେଶକାରୀ ବୋଲି ସାତଭାୟାର ଡ. ଧରଣୀଧର ରାଉତ କେନ୍ଦ୍ରାପଡ଼ା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳ ଅମୃତ ଋତୁରାଜ ଏ ଘଟଣାକୁ ପ୍ରାଥମିକତା ଦେବା ସହ ରାଜନଗର ତହସିଲଦାର ଭୂୟାଁଙ୍କୁ ଏହି ଘଟଣାର ସତ୍ୟାସତ୍ୟ ଏବଂ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ସଂକ୍ଷେପରେ

### ଗାଡ଼ିରୁ ଦାଦାବଟି ମାଗି ଜଣେ ଗିରଫ

ଚଣ୍ଡିଖୋଲ,୨୦।୧୦(ଡି.ଏନ.ଏ.): ବଡ଼ଚଣା ଥାନା ଅନ୍ତର୍ଗତ ବଡ଼ଚଣା ଗଣ୍ଡି ଛକ ନିକଟରେ ବୁଧବାର ରାତିରେ ଜଣେ ପିକ ଅପ୍ ଭ୍ୟାନ ଚାଳକଙ୍କୁ ଦାଦାବଟି ମାଗି ଜଣେ ଯୁବକ ଗିରଫ ହୋଇଛନ୍ତି। ପୋଲିସ ଗୁରୁବାର ତାଙ୍କୁ କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ବଡ଼ଚଣା ଗ୍ରାମର ସୁଶାନ୍ତ ଧଳ। ପୋଲିସ ସୂଚନା ଅନୁଯାୟୀ, ସୁଶାନ୍ତ ଗଣ୍ଡି ଛକ ନିକଟରେ ଏକ ପିକ୍ ଅପ ଭ୍ୟାନ ଚାଳକଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ସେ ଟଙ୍କା ନ ଦେବାରୁ ତାଙ୍କୁ ମାଡ଼ ମାରିବା ସହ ତାଙ୍କ ନିକଟରୁ ୧୨୦୦ ଟଙ୍କା ଛଡ଼ାଇ ନେଇଥିଲେ। ଏନେଇ ସମ୍ପୃକ୍ତ ଗାଡ଼ି ଚାଳକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୦୦/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ଅଚିହ୍ନା ଯୁବକଙ୍କ ମୃତଦେହ ଜବତ

ବରୀ,୨୦।୧୦(ଡି.ଏନ.ଏ.): ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ବ୍ରାହ୍ମଣୀ ନଦୀର ଜୁଣୁଙ୍ଗା ଘାଟ ନିକଟରୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଜବତ କରାଯାଇଛି। ଘାଟ ନିକଟରେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଥାନାରେ ଏକ ମାମଲା ନଂ.୧୭/୨୨ ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ଲମ୍ବୋଧର ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ଚିଙ୍ଗୁଡ଼ିପାଳ ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା

କାଳିଆପାଣି, ୨୦।୧୦( ଡି.ଏନ.ଏ.): ଯାଜପୁର ଜିଲା ସୁକିନ୍ଦା ନିର୍ବାଚନମଣ୍ଡଳୀ ଅଧୀନ ଚିଙ୍ଗୁଡ଼ିପାଳ ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ଅରଡ଼ାପାଳଠାରେ ଦଳର କର୍ମୀ ଓ ସମର୍ଥକ ଏକତ୍ରିତ ହୋଇଥିଲେ। ସୁକିନ୍ଦା ବିଜେଡି ସଭାପତି ବିବେକା ନନ୍ଦ ବୋଷ ଓ ସୁକିନ୍ଦା ବ୍ଲକ ଅଧକ୍ଷ ଦିବ୍ୟରଞ୍ଜନ ବରାଳ ଯୋଗଦେଇ ପଦଯାତ୍ରାକୁ ଉଦ୍‌ଘାଟନ କରିବା ସହ ଉପସ୍ଥିତ ଜନସାଧାରଣଙ୍କୁ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ। ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର, ସୁକିନ୍ଦା ବ୍ଲକ ପୂର୍ବତନ ଅଧକ୍ଷା ଭଗବତୀ ମହାନ୍ତ, ଜିଲା ପରିଷଦ ସଭ୍ୟା ଜେମା ଚାଖି ଓ ସରପଞ୍ଚ ଅଞ୍ଜଳି ଦେହୁରୀଙ୍କ ସମେତ ଦଳର ଅନ୍ୟ କାର୍ଯ୍ୟକର୍ତ୍ତା ଏବଂ ସମର୍ଥକ ପଦଯାତ୍ରାରେ ଯୋଗଦେଇ ବିଭିନ୍ନ ଗ୍ରାମ ଭ୍ରମଣ କରିଥିଲେ। ଚିଙ୍ଗୁଡ଼ିପାଳ ପଞ୍ଚାୟତର ଆମ୍ବତୋଟାଠାରେ ପଦଯାତ୍ରା ଶେଷ ହୋଇଥିଲା।

# ଥାନାରେ ଦଳିତ ଯୁବକଙ୍କୁ ନିସ୍ଥୁକ ମାଡ଼

- ଗୁରୁତର ଅବସ୍ଥାରେ ଜେଲ ପଠାଗଲା
- ସ୍ତ୍ରୀଙ୍କ ଅଭିଯୋଗ ପରେ ଦଳିତ ସଂଘର ଆନ୍ଦୋଳନ ଧମକ

କଳିଙ୍ଗନଗର,୨୦।୧୦(ଡି.ଏନ.ଏ.)

ଯାଜପୁର ଜିଲା କଳିଙ୍ଗନଗର ଥାନାରେ ପୁଣି ଜଣେ ଦଳିତ ଯୁବକଙ୍କୁ ଚୋରି ଅଭିଯୋଗରେ ନିସ୍ଥୁକ ମାଡ଼ ମରାଯାଇଛି । ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ତରବରିଆ ଭାବେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କୁ କୋର୍ଟ ଚାଲାଣ କରିଯାଇଥିଲା ବୋଲି ସମ୍ପୃକ୍ତ ଯୁବକଙ୍କ ସ୍ତ୍ରୀ ମୀନାକ୍ଷି ଜେନା କଳିଙ୍ଗନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଯୁବକ ଜେଲରେ ଗୁରୁତର ହୋଇ ପଡିବାରୁ ୧ମାସ କାଳ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ହେଲେ ଏ ସଂକ୍ରାନ୍ତରେ ତାଙ୍କ ପରିବାର ଲୋକଙ୍କୁ ପୋଲିସ କିମ୍ବା ଜେଲ କର୍ତ୍ତୃପକ୍ଷ ଜଣାଇ ନ ଥିଲେ ବୋଲି ମିନାକ୍ଷୀ କହିଛନ୍ତି।

ଅଭିଯୋଗ ଅନୁଯାୟୀ, କଳିଙ୍ଗନଗର ଥାନା ପୋଲିସ ୨୨।୮।୨୦୨୨ରେ କୁଆଖିଆ ସାରଙ୍ଗପୁର ଗ୍ରାମର ଦଳିତ ଯୁବକ ଗୌତମ ଜେନାଙ୍କୁ ଚୋରି ଅଭିଯୋଗରେ ତାଙ୍କ ଘରୁ ଉଠାଇ ଆଣିଥିଲା । ଥାନାରେ ୬ ଦିନ ଅଟକ ରଖି ପ୍ରବଳ ମାଡ଼ ମାରିବାରୁ ସେ ରକ୍ତବାନ୍ତି କରି ଅଚେତ ହୋଇ ପଡିଥିଲେ। ତାଙ୍କୁ ତରବରିଆ ଭାବେ ଚିକିତ୍ସା ପାଇଁ କଳିଙ୍ଗନଗର ଟାଟା ମେଡ଼ିକାଲକୁ ନିଆଯାଇଥିଲା। ସେ ସାମାନ୍ୟ ସୁସ୍ଥ ହେବା ପରେ ୨୯।୮।୨୦୨୨ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ହେଲେ ପୋଲିସ ଅଧିକାରୀମାନେ ତାଙ୍କୁ ଧମକ ଚମକ ଦେଇ କୋର୍ଟରେ ମୁହଁ ନ ଖୋଲିବାକୁ କହିଥିଲେ । କୋର୍ଟ ତାଙ୍କ ଜାମିନ ନାମଞ୍ଜୁର କରିବାରୁ ତାଙ୍କୁ ରଗଡ଼ି ଜେଲ ହାଜତକୁ ପଠାଇ ଦିଆଯାଇଥିଲା । ହେଲେ ଜେଲରେ ପହଞ୍ଚିବା ପରେ ସେ ପୁଣି ରକ୍ତବାନ୍ତି କରିଥିଲେ । ତାଙ୍କ ଅବସ୍ଥା ଗୁରୁତର ହେବାରୁ ପୋଲିସ ଓ ଜେଲ୍ କର୍ତ୍ତୃପକ୍ଷ ତାଙ୍କୁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରିଥିଲେ । ଏ ସଂକ୍ରାନ୍ତରେ ପୋଲିସ କିମ୍ବା ଜେଲ କର୍ତ୍ତୃପକ୍ଷ ତାଙ୍କ ପରିବାରବର୍ଗଙ୍କୁ ଜଣାଇ ନ ଥିଲେ। କୌଣସି ସୂତ୍ରରୁ ଖବର ପାଇ ପରିବାର ଲୋକେ କଟକ ବଡ଼ ଡାକ୍ତରଖାନା ଯାଇଥିଲେ ମଧ୍ୟ ପୋଲିସ ତାଙ୍କୁ ଭେଟିବାକୁ ସୁଯୋଗ ଦେଇ ନ ଥିଲା । ଗୌତମ ଆଇସିୟୁରେ ୧୬ ଦିନ ରହିଲା ପରେ ସାଧାରଣ ୱାର୍ଡରେ ପ୍ରାୟ ମାସେ ରହିଥିଲେ। ସେତେବେଳେ ମିନାକ୍ଷୀ ଗର୍ଭବତୀ ଥିଲେ। ଏବେ ବି ଅର୍ଥ ଅଭାବରୁ ମିନାକ୍ଷୀ ସ୍ୱାମୀଙ୍କ ଜାମିନ ଆବେଦନ କରିପାରୁ ନାହାନ୍ତି। ତାଙ୍କ ସ୍ୱାମୀ କେମିତି ଅଛନ୍ତି ସେ ଜାଣି ନାହାନ୍ତି ବୋଲି କହିଛନ୍ତି । ଏହି ଘଟଣାର ଉପଯୁକ୍ତ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ମିନାକ୍ଷୀ ନିବେଦନ କରିଛନ୍ତି।

ଅନ୍ୟପକ୍ଷେ ଉକ୍ତ ଘଟଣା ସଂକ୍ରାନ୍ତରେ ଯଦି ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ଦଳିତ ସଂଘ ନେତା ମନୋରଞ୍ଜନ ଜେନା, ଶଶିକାନ୍ତ ମଲିକ, ସୁଶାନ୍ତ ମଲିକ, ପ୍ରହ୍ଲାଦ ମଲିକ, ଆର୍ତ୍ତତ୍ରାଣ ମଲିକ, ଜଗବନ୍ଧୁ ମଲିକ, ନିହାର ରଞ୍ଜନ ସାମଲ, ଉମାକାନ୍ତ ମଲିକ, ବିମଳା ସେଠ, ନିରୁପମା ମଲ୍ଲିକ, ସହଦେବ ଜେନା, କ୍ଷୀରୋଦ ଦାସ ପ୍ରମୁଖ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଥାନାଧିକାରୀ ପ୍ରିୟବ୍ରତ ରାଉତଙ୍କୁ ପଚାରିବାରୁ ମାଡ଼ ମରାଯିବା ଅଭିଯୋଗକୁ ଖଣ୍ଡନ କରି ସେ କହିଛନ୍ତି ଗୌତମଙ୍କ ନାମରେ ଏକାଧିକ ମାମଲା ରହିଛି। ପୋଲିସ ନିଜର କର୍ତ୍ତବ୍ୟ ପାଳନ କରି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ବାଲ୍ୟବିବାହ ପ୍ରତିରୋଧ ମଞ୍ଚ କର୍ମଶାଳା



ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚ କର୍ମଶାଳା ବୈଠକରେ ଅଧିକାରୀ ଓ ଅନ୍ୟମାନେ।

ଯାଜପୁର ଟାଉନ,୨୦।୧୦(ଡି.ଏନ.ଏ.)

ଯାଜପୁର ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଗୁରୁବାର ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକଙ୍କ ଆବାହକତ୍ୱରେ ଜିଲା ପ୍ରଶାସନ ଓ ଆକ୍ସନଏଡ୍‌ର ସହାୟତାରେ ଜିଲାସ୍ତରୀୟ ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସମାଜ କଲ୍ୟାଣ ଅଧିକାରୀ ଏ. ଉଷାରାଣୀ ଅଧକ୍ଷତା କରି ସରକାରୀସ୍ତରରେ ଜିଲା, ବ୍ଲକ୍ ଓ ପଞ୍ଚାୟତସ୍ତରରେ ଗଠିତ ଟାସ୍କଫୋର୍ସଗୁଡିକୁ ନିୟମିତ ସମୀକ୍ଷା ସହ ତ୍ୱରାନ୍ୱିତ କରିବା ପାଇଁ ସମସ୍ତଲାଇନ ଡିପାର୍ଟମେଣ୍ଟର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ।

ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ ଯୋଗଦେଇ ବାଲ୍ୟ ବିବାହ ନିରୋଧ ପାଇଁ ୨୦୦୬ରୁ ବଳିଷ୍ଠ ଆଇନ ପ୍ରଣୟନ କରାଯାଇଥିଲେ ମଧ୍ୟ ସଚେତନତା ଅଭାବରୁ ଆମ୍ଭେ ଏଯାଏ ଏହାକୁ ସମ୍ପୂର୍ଣ୍ଣ ଭାବେ ରୋକିବାକୁ ସକ୍ଷମ ହୋଇପାରୁ ନାହୁଁ। ଏଥିପାଇଁ ତୃଣମୂଳସ୍ତରରେ ଏହାର କୁପରିଣାମ ବିଷୟରେ ଲୋକଙ୍କୁ ବୁଝାଇ ପାରିଲେ ଆଗାମୀ ଦିନରେ ଏହା ଶୂନ୍ୟ ପ୍ରତିଶତକୁ ଖସିଆସିବ ବୋଲି ସେ ଦୃଢ ଆଶାପୋଷଣ କରିଥିଲେ। ଏହି ଉପଲକ୍ଷେ ଏକ ବାଲ୍ୟ ପ୍ରତିରୋଧ ମଞ୍ଚ ଜିଲାସ୍ତରରେ ଗଠନ କରାଯାଇ ସଭାପତି ଭାବେ ପ୍ରିତିଦୀପା ମଲ୍ଲଙ୍କୁ ସଭାପତି, ଆକାଂକ୍ଷା ଭଦ୍ରଙ୍କୁ ଉପସଭାପତି, ଶୁଭଶ୍ରୀ ଦୀକ୍ଷିତଙ୍କୁ ସମ୍ପାଦକ, ପ୍ରଜ୍ଞାପରମିତା ଜେନାଙ୍କୁ ଯୁଗ୍ମ ସମ୍ପାଦିକା ଭାବେ ଚୟନ କରାଯାଇଥିଲା। ପ୍ରାରମ୍ଭରେ ଆକ୍ସନଏଡ୍‌ର ଜିଲା ସଂଯୋଜକ ସୁରେନ୍ଦ୍ର କୁମାର ଡିଗାଲ ସମସ୍ତଙ୍କୁ ସ୍ୱାଗତ କରିବା ସହ ବାଲ୍ୟବିବାହ ପ୍ରତିରୋଧ ମଞ୍ଚର ଆଭିମୁଖ୍ୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଅତିରିକ୍ତ ଜିଲା ସମାଜ କଲ୍ୟାଣ ଅଧିକାରୀ ସୁବାସ ଚନ୍ଦ୍ର ସାମଲ, ଜିଲା ଶିଶୁ ସୁରକ୍ଷା ବିଭାଗର ପ୍ରୋବେସନ ଅଧିକାରୀ ତପନ କୁମାର ପଣ୍ଡା, ମହିଳା ସୁରକ୍ଷା ଅଧିକାରୀ ସଂଗୀତା ଦଳାଇ, ସାମାଜିକ କର୍ମୀ ମଣ୍ଟୁ ଦାସ, ଜିଲାର ସମସ୍ତ ଶିଶୁ ବିକାଶ ଅଧିକାରୀ, ଅଙ୍ଗନୱାଡି ସୁପରଭାଇଜର, ଚାଇଲ୍‌ଡଲାଇନ ଓ ୱାନ ଷ୍ଟପ ସେଣ୍ଟରର କର୍ମକର୍ତ୍ତା ଏବଂ ବିଭିନ୍ନ ବ୍ଲକ୍‌ରୁ ଆସିଥିବା ବାଳିକାବାଳକ ପ୍ରମୁଖ ଯୋଗଦେଇ ବାଲ୍ୟ ବିବାହର କାରଣ, ନିରାକରଣ, ସଚେତନତା ଉପରେ ବକ୍ତବ୍ୟ ରଖିବା ସହ ସେମାନଙ୍କ ମତାମତ ପ୍ରଦାନ କରିଥିଲେ।

### ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଲୋଚନାଚକ୍ର

ଚଣ୍ଡିଖୋଲ,୨୦।୧୦(ଡି.ଏନ.ଏ.)

ବାବା ଭୈରବା ନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଇତିହାସ ବିଭାଗ ଆନୁକୂଲ୍ୟରେ ଓଡ଼ିଶାର ମନ୍ଦିର ଓ କଳା ସ୍ଥାପତ୍ୟ ଉପରେ ଏକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ମନୋଜ କୁମାର ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପ୍ରାକ୍ତନ ମୁଖ୍ୟ ପ୍ରଫେସର ଡ. ସଞ୍ଜୟ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ପ୍ରାଚୀନ ମନ୍ଦିର ଓ କଳାକୃତି ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶାରେ ମନ୍ଦିର ସଂଖ୍ୟା ଅଧିକ, ପୂର୍ବରୁ ବିଭିନ୍ନ ରାଜବଂଶ ପକ୍ଷରୁ ବହୁ ମନ୍ଦିର ପ୍ରତିଷ୍ଠା କରାଯାଇଛି। ଉତ୍କଳୀୟ, ବଙ୍ଗୀୟ ଓ ଦ୍ରାବିଡ଼ କଳା ଓଡ଼ିଶାର ମନ୍ଦିର ଗୁଡ଼ିକରେ ଦେଖିବାକୁ ମିଳିଥାଏ। ଭଗ୍ନ ମନ୍ଦିରଗୁଡ଼ିକ କିମ୍ବା ଏହାର ପାର୍ଶ୍ୱ ଦେବଦେବୀଙ୍କ ପ୍ରତିମୂର୍ତ୍ତି ଦେଖିଲେ ଏହି ସ୍ଥାପତ୍ୟ ଓ କଳା ବହୁ ପ୍ରାଚୀନ, ଏଠାରୁ ମିଳିଥିବା ଶିଳା ଲିପି ଆମ କଳା ସ୍ଥାପତ୍ୟର ପରିଚୟ ବହନ କରିଥାଏ ବୋଲି ସେ ପ୍ରକାଶ କରିଥିଲେ। ଅଧ୍ୟାପିକା ରେଖା ରାଣୀ ଖୁଣ୍ଟିଆ, ନିରାକାର ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଇତିହାସ ଓ ନୃତ୍ୟ ବିଭାଗ ଛାତ୍ରୀଛାତ୍ର ଆଲୋଚନାଚକ୍ରରେ ସାମିଲ ହୋଇଥିଲେ। ମହାବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ସଲିଳ ରାଜନନ୍ଦନ ମହାନ୍ତି ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଦେଇଥିଲେ।

# ବିପଦସଙ୍କୁଳ ନଡ଼ିଆ ଗଛ ଉଚ୍ଛେଦକୁ ବିରୋଧ


ଗଛ କଟା କାର୍ଯ୍ୟ ତଦାରଖ କରିବାକୁ ଆସିଥିବା ଅଧିକାରୀମାନେ।

ରସୁଲପୁର,୨୦।୧୦(ଡି.ଏନ.ଏ.)

ରସୁଲପୁର ତହସିଲ ଅଧୀନ ସିଂହାପୁର ପଞ୍ଚାୟତ ବାମଦେଇପୁର ଗ୍ରାମର ଶାନ୍ତିଲତା ପଣ୍ଡାଙ୍କ ଘର ଉପରକୁ ଏକ ନଡ଼ିଆଗଛ ବିପଦ ସଂକୁଳ ଅବସ୍ଥାରେ ଝୁଲି ରହିଛି। ତେଣୁ ଗଛ ଉଚ୍ଛେଦ କରିବା ପାଇଁ ରସୁଲପୁର ତହସିଲଦାରଙ୍କ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ଏହି ଅନୁସାରେ ଗୁରୁବାର ରସୁଲପୁର ତହସିଲ ପ୍ରଶାସନ ଓ ପୋଲିସ ପକ୍ଷରୁ ଗଛ କାଟାଳିଙ୍କ ସହାୟତାରେ ଗଛ କଟା ଆରମ୍ଭ କରାଯାଇଥିଲା। ମାତ୍ର ଏହାକୁ ପ୍ରତିବାଦୀ ଅଭୟ ମହାପାତ୍ର ଓ ତାଙ୍କର ଅନ୍ୟ ସହଯୋଗୀ ବିରୋଧ କରିଥିଲେ। ଫଳରେ ପ୍ରଶାସନିକ ଅଧିକାରୀ ଗଛ କଟାକୁ ଅଧାରୁ ଛାଡ଼ି ନିରାଶ ହୋଇ ଫେରିଥିଲେ।

ସୂଚନା ମୁତାବକ, ନଡ଼ିଆଗଛକୁ ନେଇ ଉଭୟ ପରିବାର ମଧ୍ୟରେ ବିବାଦ ଦେଖା ଦେଇଥିଲା। ଏନେଇ ଥାନାରେ ମାମଲା ରୁଜୁ ହେବା ସହ ତହସିଲଦାରଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଆପରାଧିକ ମାମଲା ନଂ. ୧୩୧୫/୨୦୨୦ ଧାରା ଆଦେଶମତେ ବାମଦେଇପୁର ମୌଜାର ଖସଡ଼ା ନଂ-୧୩୩୨, ଖାତା ନଂ-୯୧ ଉପରେ ଅବସ୍ଥିତ ଗଛ କାଟିବା ପାଇଁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ଗଛ ଉଚ୍ଛେଦ ଧାରା ୧୩୩ ବଳରେ ତହସିଲ ସୁପରଭାଇଜର ସନ୍ତୋଷ ପରିଡ଼ା, ରାଜସ୍ୱ ନିରୀକ୍ଷକ ଦେବୀ ପ୍ରସାଦ ମହନ୍ତଙ୍କ ସମେତ କୁଆଖିଆ ପୋଲିସ ପକ୍ଷରୁ ୨ କର୍ମଚାରୀ ଘଟଣା ସ୍ଥଳରେ ଉପସ୍ଥିତ ରହିଥିଲେ। ଗଛର ଉପର ଅଂଶଟିକୁ କାଟି ଦିଆଯାଇଥିଲା। ପରେ ଏହାକୁ ପ୍ରତିବାଦୀ ବିରୋଧ କରିବାରୁ ଗଛ କଟା ବନ୍ଦ ରହିଛି। ଅଧିକାରୀମାନେ ଅଧିକ ପୋଲିସ ଫୋର୍ସ ନେଇ ଗଛ କାଟିବାକୁ ଆସିବେ ବୋଲି ସୂଚନା ଦେଇଛନ୍ତି। ଏହି ଘଟଣା ପରେ ଶାନ୍ତିଲତାଙ୍କ ପକ୍ଷରୁ ଉଦୟନାଥ ପଣ୍ଡା ପୋଲିସ ନିକଟରେ ଆଉ ଏକ ଅଭିଯୋଗ କରିଛନ୍ତି। ନ୍ୟାୟ ନ ମିଳିଲେ ସେ ରସୁଲପୁର ବ୍ଲକରେ ଆସନ୍ତା ୩୧ରେ ହେବାକୁ ଥିବା ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିବେ ବୋଲି କହିଛନ୍ତି।

# ମେଲାଣି ନେଲେ ମା’ ଗଜଲକ୍ଷ୍ମୀ

ଚଣ୍ଡିଖୋଲ,୨୦।୧୦(ଡି.ଏନ.ଏ.)



ଯାଜପୁର ଜିଲା ବାଲିଚନ୍ଦ୍ରପୁର ବଜାରର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ବୁଧବାର ଶେଷ ହୋଇଛି। ଏହାପରେ ସନ୍ଧ୍ୟାରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ସମସ୍ତ ମେଢ଼ ୫୩ ନଂ. ଜାତୀୟ ରାଜପଥ ଛକ ବାଇପାସଠାରେ ଏକତ୍ରିତ ହୋଇ ଭସାଣି ଯାତ୍ରାରେ ବାହାରିଥିଲେ। ସମସ୍ତ କମିଟି କର୍ମକର୍ତ୍ତାଙ୍କ ସହମତି ଭିତ୍ତିରେ ପଛକୁ ପଛ ମେଢ଼ଗୁଡ଼ିକୁ ଶୋଭାଯାତ୍ରାରେ ଯାଇଥିଲେ। ବାଜା ବାଣ ରୋଶଣି ମାଧ୍ୟମରେ ମା’ଙ୍କୁ ମେଲାଣି ଦିଆଯାଇଥିଲା। ଏହି ମେଳଣ ଓ ଭସାଣି ଉତ୍ସବରେ ୧୦ରୁ ଉର୍ଦ୍ଧ୍ୱ ମେଢ଼ ସାମିଲ ହୋଇଥିଲେ। ଶ୍ୟାମସୁନ୍ଦର ବଜାର କମିଟି, ମଙ୍ଗଳା ବଜାର, ପରିବା ମାର୍କେଟ, ମା’ ମଲ୍ୟାବୁଢ଼ୀ ବଜାର, ସରସ୍ୱତୀ ବଜାର, ପଣ୍ଡା ଆଣ୍ଡ ପଣ୍ଡା ମାର୍କେଟ, କୁଆଁପାଳ ରୋଡ୍ ଆଦି ବଜାର ମେଢ଼ ବିଭିନ୍ନ ପ୍ରକାର ନୂତନ ଧରଣର ବାଜା ଓ ଆଲୋକ ମାଳାରେ ସଜେଇ ହୋଇଥିବା ଦେଖିବାକୁ ମିଳିଥିଲା। ରାତି ୧୧ଟା ପର୍ଯ୍ୟନ୍ତ ଶାନ୍ତି ଶୃଙ୍ଖଳା ସହିତ ଭସାଣି ଚାଲିଥିଲା। ବାଲିଚନ୍ଦ୍ରପୁର ପୋଲିସ ପକ୍ଷରୁ ଆଇନ ଶୃଙ୍ଖଳା ରକ୍ଷା ଦିଗରେ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

# ଆଗକୁ ପୟାଶ୍ରାଦ୍ଧ, ବିକ୍ରି ହେଲାଣି ପିପେଇ

ବରୀ,୨୦।୧୦(ଡି.ଏନ.ଏ.)

ଆଗକୁ ଆସୁଛି ପୟାଶ୍ରାଦ୍ଧ। ଏହି ଦିବସରେ ପିତୃ ପୁରୁଷଙ୍କୁ ଶ୍ରାଦ୍ଧ ଦେଇ ସେମାନଙ୍କ ବଂଶଧରମାନେ କୁହନ୍ତି ‘ବଡ଼ବଡୁଆ ହୋ, ଅନ୍ଧାରରେ ଆସିଥିଲ ଆଲୁଅରେ ଯାଆ’। ପରମ୍ପରା ଅନୁଯାୟୀ କାଉଁରିଆ କାଠି ଏହି ଦିବସ ପାଇଁ ଆବଶ୍ୟକ ହୋଇଥାଏ। ଯିଏ ଯେଉଁ ପଦ ପଦବୀରରେ ଥାଆନ୍ତୁ ନା କାହିଁକି କାଉଁରିଆ କାଠିରେ ଅଗ୍ନି ସଂଯୋଗ କରି ସେମାନଙ୍କ ପିତୃ ପୁରୁଷଙ୍କୁ ଶ୍ରାଦ୍ଧ ଦେବା ଆଜି ଓଡ଼ିଆ ସଂସ୍କୃତି ଓ ପରମ୍ପରା ଭିତରେ ସୀମିତ ରହିଛି।


ଜଣେ ଚାଷୀ ପିପେଇ କାଠି ବିକ୍ରି କରୁଛନ୍ତି।

ସମୟକ୍ରମେ ନଳିତା ଚାଷ ବରୀ ବ୍ଲକ୍ ଅଞ୍ଚଳରେ ଲୋପ ପାଇବାକୁ ଯାଉଥିବା ବେଳେ ଏହି ପର୍ବକୁ ଆଖି ଆଗରେ ରଖି ବ୍ଲକ୍ ଅଧୀନ ରତ୍ନଗିରି ପଞ୍ଚାୟତର ଅଲିଆବାଦ, ରାଉତ ସାହି, ପଟଣା ଆଦି ଅଞ୍ଚଳରେ ନଳିତା ଚାଷୀ ଘରକୁ ଘର ବୁଲି କାଉଁରିଆ(ପିପେଇ) କାଠି ବିକ୍ରି କଲେଣି। ଲୋକମାନେ ଏହାକୁ ଆଗ୍ରହର ସହ କ୍ରୟ କରୁଥିବା ଦେଖିବାକୁ ମିଳିଛି। ତେବେ ସମୟ ବଦଳିଥିଲେ ବି ଓଡ଼ିଶା ଲୋକଙ୍କ ପର୍ବ ପର୍ବାଣି ସତେଯେମିତି ତାଙ୍କ ପରିଚୟ ସୃଷ୍ଟି କ୍ଷେତ୍ରରେ ଏକ ସ୍ୱତନ୍ତ୍ରତା ବଜାୟ ରଖିଛି ବୋଲି ପ୍ରାକ୍ତନ ପ୍ରଧାନଶିକ୍ଷକ ଗୋପବନ୍ଧୁ ଦାସ, ବ୍ରାହ୍ମଣୀ ବଞ୍ଚାଅ ଅଭିଯାନ ଆବାହକ ତଥା ଶିକ୍ଷକ ନେତା ଲୋକନାଥ ଦାସ, ପ୍ରାକ୍ତନ ପ୍ରଧାନଶିକ୍ଷକ କର୍ଣ୍ଣଚନ୍ଦ୍ର ଘଡ଼ାଇ, କୁଞ୍ଜବିହାରୀ ଦାଶ, ମକରଧ୍ୱଜ ଘଡ଼ାଇ, ଅନିରୁଦ୍ଧ ମଲ୍ଲ ଓ ଯୁବ ସାମାଜିକ କର୍ମୀ ପବିତ୍ର ଶାନ୍ତି ପ୍ରମୁଖ ମତ ରଖିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦମୟନ୍ତୀ


@ ଅବିନାଶ


@ ଆଦି


@ ଆଦିତ୍ୟ


@ ବିପିନ୍

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ବ୍ଲକସ୍ତରୀୟ ଜନଶୁଣାଣି


ଜନଶୁଣାଣି ଶିବିରରେ ଯୋଗ ଦେଇଥିବା ଅଧିକାରୀ।

ଧର୍ମଶାଳା,୨୦।୧୦(ଡି.ଏନ.ଏ.)

ଧର୍ମଶାଳା ପଞ୍ଚାୟତ ସମିତି ସଭାଗୃହରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ଏକ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ଯୋଗଦେଇ ଯୋଜନାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିବା ସହ ଜନପ୍ରତିନିଧିଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଶିବିରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହିତ ଜାତୀୟ ସାମାଜିକ ସହାୟତା ଓ ପଞ୍ଚ ଦଶ ଅର୍ଥ କମିସନ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧକ୍ଷା ବିଜୟିନୀ ମିଶ୍ର, ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଓ ଏବିଡିଓ ଅସିତ ପାତ୍ର ଯୋଗ ଦେଇଥିଲେ। ସମସ୍ତ ପଞ୍ଚାୟତର ଜନପ୍ରତିନିଧି ଓ ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ସଫଳ ରୂପାୟନ ପାଇଁ ସଂପାରୁ, ଉତ୍ତରପ୍ରତାପ, ଦେଓଦା, କାଏମା ଓ କୋଟପୁର ପଞ୍ଚାୟତ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଅନ୍‌ଲାଇନରେ ଅଟକିଛି ଶ୍ରମିକ କଲ୍ୟାଣ

- ନିର୍ମାଣ ଶ୍ରମିକ, ଅଣସଙ୍ଗଠିତ ଶ୍ରମିକ ପଞ୍ଜୀକରଣ ନୈରାଶ୍ୟଜନକ
- ଜିଲା ଶ୍ରମ ଅଧିକାରୀଙ୍କ ନିଲମ୍ବନ ପରେ ବି ସୁଧୁରୁ ନାହିଁ ଶ୍ରମ ବିଭାଗ
- ସପ୍ତାହକୁ ୪ଦିନ ଆସୁଛନ୍ତି ପ୍ରଭାଗୀୟ ଶ୍ରମ ଆୟୁକ୍ତ
- ଅକ୍ଟୋବର ୨୭ ଓ ନଭେମ୍ବର ୧ରେ ଦୁଇ ସଙ୍ଗଠନ କରିବ ଆନ୍ଦୋଳନ

**ନୟାଗଡ଼ ଅଫିସ,୨୦।୧୦**

ନିର୍ମାଣ ଶ୍ରମିକ ଓ ଅଣ ସଙ୍ଗଠିତ ଶ୍ରମିକମାନଙ୍କ ପଞ୍ଜୀକରଣ, ସହାୟତା ରାଶି ଓ ପରିଚୟ ପତ୍ର ବଣ୍ଟନରେ ନୟାଗଡ଼ ଜିଲା ଶ୍ରମ ବିଭାଗ ସବୁଠାରୁ ପଛରେ ରହି ରାଜ୍ୟରେ ରେକର୍ଡ କରିଛି। ଅନ୍‌ଲାଇନରେ ପଞ୍ଜୀକରଣ ଚାଲିଥିଲେ ମଧ୍ୟ ବିଭିନ୍ନ ପ୍ରକାର ଆଳ ଦେଖାଇ ଶ୍ରମିକମାନଙ୍କ ପଞ୍ଜୀକରଣ କରା ନ ଯିବାରୁ ଜିଲାରେ ଶ୍ରମିକ କଲ୍ୟାଣ ଅଟକି ଯାଇଛି। ଅନ୍ୟପକ୍ଷେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ସପ୍ତାହକୁ ଥରେ ଓ ମାସକୁ ୪ଦିନ ନୟାଗଡ଼କୁ ଆସୁଥିବାବେଳେ ଜିଲା ଶ୍ରମ କାର୍ଯ୍ୟାଳୟରେ ଅଫିସର ଓ କର୍ମଚାରୀ ମନଇଚ୍ଛା ଆସୁଛନ୍ତି ଓ ଯାଉଛନ୍ତି। ଶ୍ରମିକଙ୍କ ଉନ୍ନତି ପାଇଁ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଓ ଜିଲା ଶ୍ରମ କାର୍ଯ୍ୟାଳୟ କାମ କରୁ ନ ଥିବା ଅଭିଯୋଗ ଉଠୁଥିବାବେଳେ ଜିଲା ଶ୍ରମ ଅଧିକାରୀ ପରମିତା ମିଶ୍ରଙ୍କୁ କିଛି ଦିନ ତଳେ ନିଲମ୍ବନ କରି ରାଜ୍ୟ ସରକାର ବାହାବା ନେଇଥିଲେ। ହେଲେ ନୂଆ ଜିଲା ଶ୍ରମ ଅଧିକାରୀ କାର୍ଯ୍ୟରେ ଯୋଗ ଦେବା ପରେ ମଧ୍ୟ ସ୍ଥିତି ବିଗିଡି ଚାଲିଛି। ଏଭଳିସ୍ଥଳେ ଜିଲାର ଦୁଇ ପ୍ରମୁଖ ସଙ୍ଗଠନ ଆସନ୍ତା ୨୭ ଓ ନଭେମ୍ବର ୧ରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଶ୍ରମ ଆୟୁକ୍ତଙ୍କ ଅସହଯୋଗରୁ ନିର୍ମାଣ ଶ୍ରମିକମାନେ ୫ବର୍ଷ ହେଲା ହଇରାଣ ହୋଇ ଆସୁଛନ୍ତି। ଜିଲାର ୮ ବ୍ଲକ, ୧ ମ୍ୟୁନିସିପାଲିଟି, ୪ ଏନଏସିରୁ ୫୪ ହଜାର ୭୫୭ ନିର୍ମାଣ ଶ୍ରମିକ ପଞ୍ଜିକୃତ ହୋଇଛନ୍ତି। ଅନ୍ୟପକ୍ଷେ ୨୦୧୭ରେ ୨୫ ହଜାର ନିର୍ମାଣ ଶ୍ରମିକ ପରିଚୟପତ୍ର ପାଇବା ପାଇଁ ଆବେଦନ କରିଥିଲେ। ଏଥିରୁ ମାତ୍ର ୭୦୦ ପରିଚୟ ପତ୍ର ପାଇଛନ୍ତି। ପରିଚୟ ପତ୍ର ଦେବା ପାଇଁ ୨।୫।୨୦୧୭ରୁ ୨।୭।୨୦୧୭ଶ୍ରମ ଦପ୍ତର ପକ୍ଷରୁ ଯାଞ୍ଚ କରାଯାଇଥିଲା। ହେଲେ ପରିଚୟ ପତ୍ର ଦିଆଗଲାନି। ସେହିପରି ଅଣ ସଙ୍ଗଠିତ ଶ୍ରମିକ ୨୯୮୦ ମାତ୍ର ପଞ୍ଜୀକୃତ ହୋଇଛନ୍ତି। ତେବେ ଏବେ ଅନ୍‌ଲାଇନରେ ପଞ୍ଜୀକରଣ ହେଉଛି। ହେଲେ ଅନ୍‌ଲାଇନରେ ଆବେଦନ କରିବାକୁ ବହୁ ଦିନ ଅପେକ୍ଷା କରିବାକୁ ପଡୁଛି। ଆବେଦନ ପରେ ପଞ୍ଜୀକରଣ ହୋଇଛି କି ନାହିଁ ଜଣାପଡୁ ନ ଥିବାରୁ ଅସନ୍ତୋଷ ଓ କ୍ଷୋଭ ବଢ଼ି ଚାଲି ଆନ୍ଦୋଳନ ଦାନା ବାନ୍ଧୁଛି।

ଏନେଇ ନୟାଗଡ଼ ଜିଲା କାର୍ଯ୍ୟରତ ନିର୍ମାଣ ଶ୍ରମିକ ମହାସଂଘ ସାଧାରଣ ସମ୍ପାଦକ ବାସୁଦେବ ମହାନ୍ତି ଓ ବିଜୁ ଶ୍ରମିକ ସାମୁଖ୍ୟ ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ପଟ୍ଟନାୟକ କୁହନ୍ତି, ଜିଲା ଶ୍ରମ ବିଭାଗରେ ଅବ୍ୟବସ୍ଥା ଓ ଅଚଳାବସ୍ଥା ଲାଗି ରହିଥିବାରୁ ପଞ୍ଜୀକରଣ ପଛାଇଛି। ପୁଣି ଶ୍ରମିକମାନେ ସରକାରୀ ଯୋଜନାର ସୁଫଳ ପାଉ ନାହାନ୍ତି। ଅକ୍ଟୋବର ୨୬ ସୁଦ୍ଧା ଏହାର ନିରାକରଣ ନ ହେଲେ ଅକ୍ଟୋବର ୨୭ରେ ଗଣତାନ୍ତ୍ରିକ ପଦ୍ଧତିରେ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି କହିଛନ୍ତି। ନୟାଗଡ଼ ଜିଲା ଶ୍ରମିକ ମହାସଂଘର ସଭାପତି ଶୂନ୍ୟଜୟୀ ମିଶ୍ର କୁହନ୍ତି, ନିର୍ମାଣ ଶ୍ରମିକ ଓ ଅଣ ସଙ୍ଗଠିତ ଶ୍ରମିକଙ୍କ ସ୍ଥିତିକୁ ଦେଖିଲେ ନୟାଗଡ଼ର ପ୍ରଭାଗୀୟ ଶ୍ରମ କାର୍ଯ୍ୟାଳୟର କର୍ମଚାରୀ ଓ ଅଫିସର କାମ କରୁ ନ ଥିବା ଅଭିଯୋଗ ହୋଇଛି। ଅବ୍ୟବସ୍ଥାର ଏଡାଇବା ପାଇଁ ଆମ ସଙ୍ଗଠନ ପକ୍ଷରୁ ବିଭିନ୍ନ ସମୟରେ ଲଣ୍ଠନ ଶୋଭାଯାତ୍ରା ଓ ଧାରଣା ଦିଆଯାଇଛି। ତେବେ କୌଣସି ପରିବର୍ତ୍ତନ ହେଉନି। କେବଳ ପ୍ରତିଶ୍ରୁତି ଦେଇ ପ୍ରତାରଣା ଚାଲିଛି। ଏଣୁ ନଭେମ୍ବର ୧ରେ ଆମ ଅନୁଷ୍ଠାନ ପକ୍ଷରୁ ପୁଣି ଲଣ୍ଠନ ଶୋଭାଯାତ୍ରା କରାଯାଇ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ସେ କହିଛନ୍ତି।

ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ କୁହନ୍ତି, ମୁଁ ଟ୍ରେନିଂରେ ଅଛି। ନୟାଗଡ଼ ଗଲା ପରେ ଦୁଇ ଶ୍ରମିକ ସଙ୍ଗଠନ ସହ ଆଲୋଚନା କରି ସେମାନଙ୍କ ଦାବିକୁ ସମାଧାନ କରିବା ପାଇଁ ଉଦ୍ୟମ କରିବି। ତେବେ ଆପଣ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ ସହ ଯୋଗାଯୋଗ କରିଲେ ଠିକ୍ ତଥ୍ୟ ପାଇ ପାରିବେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ ପ୍ରଦୀପ ମହାନ୍ତିଙ୍କ ମୋବାଇଲ ନଂ.୯୪୩୭୩୫୪୦୧୮କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିଲେ।


ଶ୍ରମିକ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ନୟାଗଡ଼ ଅଫିସ,୨୦।୧୦:** ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଶିମିଳିସାହିଠାରେ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକ ହେଲେ ନୟାଗଡ଼ ସଦର ଥାନା କିରିଆଲାଞ୍ଜି ଗାଁର କରୁଣାକର ପ୍ରଧାନ(୪୫)। କରୁଣାକରଙ୍କ ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୧୬୭/୨୨) ରୁଜୁ ହୋଇଛି। ସୂଚନା ଅନୁଯାୟୀ, କରୁଣାକର ଏକ ଦଶାହ ଭୋଜିରେ ଯୋଗ ଦେବାକୁ ସ୍ତ୍ରୀ ସବିତା(୩୫)ଙ୍କ ସହ ବାଇକ୍‌ରେ ନୟାଗଡ଼ ଅଭିମୁଖେ ଆସୁଥିଲେ। ବାଟରେ ଶିମିଳିସାହି ଠାରେ ବୁଧବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ଏକ ପେଟ୍ରୋଲ ଟ୍ୟାଙ୍କର ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଏହି ଦମ୍ପତି ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ କରୁଣାକରଙ୍କ ମୃତ୍ୟୁ ଘଟିଥିଲା।

### ଜମି ବିକ୍ରି ଆଳରେ ୮ ଲକ୍ଷ ଟଙ୍କା ଠକେଇ

**ନୟାଗଡ ଅଫିସ,୨୦।୧୦:** ଗୋଡିପଡା ଫାଣ୍ଡି ତଳସାହିରେ ରବୀନ୍ଦ୍ର ନାୟକ ଜମି ବିକ୍ରିରେ ୮ ଲକ୍ଷ ଠକେଇର ଶିକାର ହୋଇଛନ୍ତି। ଜମି କିଣିବାକୁ ତଳସାହିର ଶିଶିର ନାୟକ ରବୀନ୍ଦ୍ରଙ୍କ ଠାରୁ ୮ ଲକ୍ଷ ଟଙ୍କା ନେଇଥିଲେ। ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ଜମି ରେଜେଷ୍ଟ୍ରି କଲେ ନାହିଁ କି ଟଙ୍କା ଫେରାଇଲେ ନାହିଁ। ବରଂ ଟଙ୍କା ନେଇ ନାହିଁ କହି ରବୀନ୍ଦ୍ରଙ୍କୁ ଘରୁ ତଡିଦେଲେ। ଏନେଇ ରବୀନ୍ଦ୍ର ଶରଣକୂଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୩୩/୨୨) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ସ୍କୁଲ ପରିସରରୁ ସିସି ଟିଭି କ୍ୟାମେରା ଚୋରି

**ନୂଆଗାଁ,୨୦।୧୦(ଡି.ଏନ.ଏ.):** ନୟାଗଡ଼ ଜିଲା ସଦରଥାନା ମାଳିସାହି ଫାଣ୍ଡି ନୂଆଗାଁ ବ୍ଲକ ଅଧୀନ ଗତିକେଶ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରୁ ଶୁକ୍ରବାର ସନ୍ଧ୍ୟାରେ ସିସି ଟିଭି କ୍ୟାମେରା ଚୋରି ହୋଇଥିବା ପ୍ରଧାନଶିକ୍ଷକ ବିମଳ କୁମାର ପଟ୍ଟନାୟକ ମାଳିସାହି ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ସ୍କୁଲର ସୁରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ସିସି ଟିଭି କ୍ୟାମେରା ଲଗାଯାଇଛି। ତେବେ ସ୍କୁଲର ସମ୍ମୁଖ ପାଖ ବାରଣ୍ଡାରେ ଲଗା ଯାଇଥିବା କ୍ୟାମେରାକୁ ଗତ ଶୁକ୍ରବାର ସନ୍ଧ୍ୟା ୬ଟା ୨୬ ମିନିଟରେ କେହି ଚୋରି କରି ନେଇଯାଇଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଶ୍ରେଣୀଗୃହ ନିର୍ମାଣ ନ ହେଲେ ଆନ୍ଦୋଳନ

**ଦଶପଲ୍ଲା,୨୦।୧୦(ଡି.ଏନ.ଏ.):** ଦଶପଲ୍ଲା ବ୍ଲକ୍ କଳଶାଖମଣ ପଞ୍ଚାୟତର ମଡିକୁମ୍ପା ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହ ନିର୍ମାଣ ଦାବିରେ ମହିଳା ଜୀବିକା ସୁରକ୍ଷା ମଞ୍ଚ, ନୟାଗଡ଼ ପକ୍ଷରୁ ଦଶପଲ୍ଲା ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ଆସନ୍ତା ୨୭ତାରିଖରୁ ବିଇଓ ଅଫିସ୍ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଉକ୍ତ ବିଦ୍ୟାଳୟ ଛାତରୁ ପାଣି ଗଳୁଥିବାବେଳେ ଘରଗୁଡିକ ବିପଦଶଙ୍କୁଳ ହୋଇପଡିଛି। ଏବିଇଓ ଶ୍ୟାମ ସୁନ୍ଦର ଜାନୀ ଦାବିପତ୍ର ଗ୍ରହଣ କରି ଗୃହ ନିର୍ମାଣ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିବା କହିଛନ୍ତି।

### ନୟାଗଡ଼ରେ ପେନ୍‌ସନ ଅଦାଲତ



**ନୟାଗଡ଼ ଅଫିସ,୨୦।୧୦:** ନୟାଗଡ଼ ବ୍ଲକ ସଭାଗୃହରେ ଜିଲାସ୍ତରୀୟ ୧୭୧ତମ ପେନସନ୍ ଅଦାଲତ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ପେନସନ୍ ବିଭାଗ ନିର୍ଦ୍ଦେଶକ ଗଙ୍ଗାଧର ସାହୁ , ଏଜିର ବରିଷ୍ଠ ରୋକଡ ଅଧିକାରୀ ମନୋରଞ୍ଜନ ପାଣିଗ୍ରାହୀ ଓ ଆକାଉଣ୍ଟସ୍‌ର ଆଡିଶନାଲ କମ୍ପୋଟ୍ରୋଲର ଦିବାରାଣୀ ଦୋରା, ଉପଜିଲାପାଳ ଲମ୍ବଜିତ ରାଉତ, ସହକାରୀ ଜିଲାପାଳ ଦିଲ୍ଲୀପ କୁମାର ଜେନା ପ୍ରମୁଖ ଯୋଗଦେଇ ଜିଲାର ୫୦ ପେନସନ୍ କେସ୍, ୧୮ ଗ୍ରାଚ୍ୟୁଟି କେସ୍, ୯ ଫେରି ଆସିଥିବା ପେନସନ୍ କେସକୁ ଫଇସଲା କରିଥିଲେ।

# ୧୦ଘଣ୍ଟା ପଡ଼ି ରହିଲା ଯୁବତୀଙ୍କ ମୃତଦେହ

- ସାଇଣ୍ଟିଫିକ୍ ଟିମ୍‌କୁ ଅପେକ୍ଷା
- ହତ୍ୟା ସନ୍ଦେହ, ପୋଲିସର ତନାଘନା

**ଖଣ୍ଡପଡ଼ା,୨୦।୧୦(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା କଣ୍ଟିଲୋ ଫାଣ୍ଡି ଅଧୀନ ଅକୁରାବନ୍ଧ ସର ନିକଟରେ ଜଣେ ଯୁବତୀଙ୍କ ମୃତଦେହକୁ ପୋଲିସ ୧୦ ଘଣ୍ଟା ପରେ ଜବତ କରିଛି। ଗୁରୁବାର ପୂର୍ବାହ୍ନ ପ୍ରାୟ ୮ଟା ସମୟରେ ସ୍ଥାନୀୟ ଲୋକେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଖଣ୍ଡପଡ଼ା ଥାନା ଏସ୍‌ଆଇ ଶ୍ରଦ୍ଧା ନାୟକ ଓ କଣ୍ଟିଲୋ ଫାଣ୍ଡି ଅଧିକାରୀ ମିହିର କୁମାର ମିଶ୍ର ପ୍ରମୁଖ ପହଞ୍ଚି ଥିଲେ। ହେଲେ ସାଇଣ୍ଟିଫିକ୍ ଟିମ୍ ସନ୍ଧ୍ୟା ୬ଟାରେ ଘଟଣାସ୍ଥଳରେ ପହଞ୍ଚିବାରୁ ପ୍ରାୟ ୧୦ଘଣ୍ଟା ଧରି ମୃତଦେହ ରାସ୍ତାପାର୍ଶ୍ୱରେ ପଡି ରହିଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ବଡବାଣପୁର ପଞ୍ଚାୟତ କୁମୁଣ୍ଡି ଗ୍ରାମର ବ୍ରଜବନ୍ଧୁ ନାୟକଙ୍କ ଝିଅ ଚୁନି (୨୨) କୌଣସି କାରଣରୁ ଅକୁରାବନ୍ଧ ନିକଟସ୍ଥ ପତୁରିଆ ଗ୍ରାମକୁ ଚାଲି ଚାଲି ଯାଉଥିବା ସ୍ଥାନୀୟ ବାସିନ୍ଦା ଦେଖିଥିଲେ। ଏହାର କିଛି ସମୟ ପରେ ସମ୍ପୃକ୍ତ ଯୁବତୀଙ୍କ ମୃତଦେହ ଘୋଡାମାରୀ ଦ୍ୱାର ଉଠାଜଳ ସେଚନ-୧ ପ୍ରକଳ୍ପ ନିକଟରେ ପଡିଥିବା ଦେଖିବାକୁ ମିଳିଥିଲା। ତାଙ୍କ ଓଢଣୀଟି ନିକଟସ୍ଥ ଏକ ଗଛରେ ଝୁଲୁଥିଲା। ତାଙ୍କୁ କେହି ମାରି ମୃତଦେହ ପକାଇ ଦେଇଥିବା ସ୍ଥାନୀୟ ଲୋକେ ସନ୍ଦେହ କରିଥିଲେ। ଏହାପରେ ପୋଲିସକୁ ଖବର ଦିଆଯାଇଥିଲା। ହେଲେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇ ନ ଥିଲା। ସନ୍ଧ୍ୟାରେ ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକଙ୍କ ସହ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତଥାପି ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପୋଲିସ ଉକ୍ତ ଘଟଣା ଉପରେ କୌଣସି ସୂଚନା ଦେଇନାହିଁ।

ଅପରପକ୍ଷେ ସ୍ଥାନୀୟ ଲୋକେ କହିଛନ୍ତି, ସମ୍ପୃକ୍ତ ଯୁବତୀଙ୍କ ସହ ପତୁରିଆଗ୍ରାମର ଜଣେ ଯୁବକଙ୍କ ପ୍ରେମ ସମ୍ପର୍କ ଥିଲା। ଉଭୟଙ୍କ ବିବାହ ପାଇଁ ୨ ପରିବାର ମଧ୍ୟରେ ଘଣାଶାଳିଆ ଗ୍ରାମ ନିକଟ ଭାନୁମତୀ ମନ୍ଦିର ପରିସରରେ ଆଲୋଚନା ହୋଇଥିଲା। ଆଲୋଚନା ପରେ ରାତିରେ କୁଆଡେ ସମ୍ପୃକ୍ତ ଯୁବତୀ ଏକ ସ୍କୁଟିରେ ପତୁରିଆ ଗ୍ରାମର ସମ୍ପୃକ୍ତ ଯୁବକଙ୍କ ଘରକୁ ଆସିଥିଲେ। ହେଲେ ଯୁବକ ଜଣକ ତାଙ୍କୁ ନେଇ ତାଙ୍କ ଘରେ ଛାଡି ଆସିଥିଲେ। ବୁଧବାର ରାତିରେ ଯୁବତୀ ଜଣକ ପତୁରିଆ ଗ୍ରାମର ଯୁବକଙ୍କ ମାମୁଘର ଗଣିଆ ଥାନା ଅଧିନ କିଶୋରପ୍ରସାଦକୁ ଆସିଥିଲେ ବୋଲି ସ୍ଥାନୀୟ ବାସିନ୍ଦାଙ୍କଠାରୁ ପ୍ରକାଶ। ଏହାପରେ ସମ୍ପୃକ୍ତା ଯୁବତୀଙ୍କ ମୃତ୍ୟୁ ଘଟିବାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି।


ରାସ୍ତା ପାର୍ଶ୍ୱରେ ପଡିଥିବା ମୃତଦେହ।

### ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

**ଖଣ୍ଡପଡ଼ା,୨୦।୧୦(ସ୍ୱ.ପ୍ର.)**

ଖଣ୍ଡପଡ଼ା-ନୟାଗଡ଼ ମୁଖ୍ୟ ପୂର୍ତ୍ତବିଭାଗ ରାସ୍ତାର କଇଁଥପଲ୍ଲୀ ଗ୍ରାମ ନିକଟରେ ମାଲ ବୋଝେଇ ଟ୍ରକ ଏକ ବାଇକ୍‌କୁ ଧକ୍କା ଦେବାରୁ ଚାଳକ ବେଣୁଧର ରାଉତ(୫୫) ଗୁରୁତର ହୋଇଛନ୍ତି। ତାଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଘଟାଇ ଟ୍ରକ ଚାଳକ ଘଟଣାସ୍ଥଳରୁ ଫେରାର ହୋଇ ଯାଇଛନ୍ତି। ପୋଲିସ ଟ୍ରକକୁ ଜବତ କରିଛି। ଆହତ ବେଣୁଧରଙ୍କ ଘର ଖଣ୍ଡପଡ଼ା ଥାନା ସିଂଘାପଡା ପଞ୍ଚାୟତ ଅଧୀନ ଖୁଣ୍ଟୁବନ୍ଧ ଗ୍ରାମରେ। ବେପରୁଆ ଟ୍ରକ ଚାଳନା ଯୋଗୁ ଏପରି ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

### ବରିଷ୍ଠ କଂଗ୍ରେସ ନେତାଙ୍କ ପରଲୋକ

**ଦଶପଲ୍ଲା,୨୦।୧୦(ଡି.ଏନ.ଏ.)**

ଦଶପଲ୍ଲା ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ରାଜ କିଶୋର ପଟ୍ଟନାୟକଙ୍କ ନିଜ ଗ୍ରାମ ଗୋଡିବିଡାରେ ଗୁରୁବାର ସକାଳେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଏହି ଖବର ଜଣାପଡିବା ପରେ ଏନଏସି ଚେୟାରମ୍ୟାନ୍ ପୁନମ ପ୍ରିୟଦର୍ଶିନୀ, ବରିଷ୍ଠ କଂଗ୍ରେସ ନେତା ତଥା ପରିବେଶବିତ୍ ପ୍ରଶନ୍ନ ପଣ୍ଡା ,ସରୋଜ କୁମାର ପରିଡା, ରାଜି ମିଶ୍ର , ବ୍ଲକ ସଭାପତି ଲୁଲୁ ପରିଡା, ନାରାୟଣ ସାହୁ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

## ବନ୍ଧରେ ବୁଡ଼ି ନାବାଳିକା ମୃତ

**ଦଶପଲ୍ଲା,୨୦।୧୦(ଡି.ଏନ.ଏ.)**

ଦଶପଲ୍ଲା ଥାନା ଅନ୍ତର୍ଗତ କଳଶାଖମଣ (ନୂଆଗାଁ) ନିକଟ ବନ୍ଧରେ ବୁଡ଼ି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର କାର୍ତ୍ତିକ ସାହୁଙ୍କ ଝିଅ ଉଷଶ୍ରୀ(୧୧)। ଉଷଶ୍ରୀ ଗାଁ ବନ୍ଧକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। ତାଙ୍କୁ ଗ୍ରାମବାସୀ ଉଦ୍ଧାର କରି ଗାଲେରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଦମୟନ୍ତୀ


@ ଅବିନାଶ


@ ଆଦି


@ ଆଦିତ୍ୟ


@ ବିପିନ୍

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ବ୍ୟବସାୟୀଙ୍କ ବିୟୋଗରେ ଟାକରା ବଜାର ବନ୍ଦ

**ଦଶପଲ୍ଲା,୨୦।୧୦(ଡି.ଏନ.ଏ.):** ଦଶପଲ୍ଲା ବ୍ଲକ୍ ଟାକରା ବଜାରର ଯୁବ ବ୍ୟବସାୟୀ ସୁବ୍ରତ କୁମାର ସାହୁଙ୍କ ବୁଧବାର ରାତିରେ ପରଲୋକ ହୋଇଯାଇଛି। ସେ ଗତ କିଛିଦିନ ଧରି ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଏହି ଖବର ଜଣାପଡିବା ପରେ ଶୋକର ଛାୟା ଖେଳି ଯାଇଥିଲା। ସାହୁ ଜଣେ ମେଳାପୀ, ପରୋପକାରୀ ବ୍ୟକ୍ତି ହୋଇଥିବାରୁ, ତାଙ୍କ ସମ୍ମାନାର୍ଥେ ଗୁରୁବାର ଟାକରା ବଜାର ବନ୍ଦ ରହିଥିଲା।

## ୫-ଟି ସ୍କୁଲ ପରିଦର୍ଶନ କଲେ ନୂତନ ଜିଲାପାଳ

**ଖଣ୍ଡପଡ଼ା,୨୦।୧୦(ସ୍ୱ.ପ୍ର.)**

ନୟାଗଡ଼ରେ ନୂତନ ଜିଲାପାଳ ଭାବେ ରବିନ୍ଦ୍ର ନାଥ ସାହୁ ଯୋଗ ଦେବା ପରେ ଗୁରୁବାର ଖଣ୍ଡପଡ଼ା ବ୍ଲକ୍ ଅଧୀନ ଶିଖରପୁର ୫-ଟି ହାଇସ୍କୁଲ ପରିଦର୍ଶନ କରିଛନ୍ତି। ଉକ୍ତ ବିଦ୍ୟାଳୟ ବିଜ୍ଞାନ ଲାବୋରଟାରୀ ଗୃହ, ଲାଇବ୍ରେରୀ, ସ୍ମାର୍ଟ ଶ୍ରେଣୀଗୃହ ଏବଂ ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ତଦାରଖ କରିଥିଲେ। ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ଅଫିସ ଗୃହକୁ ସମ୍ପନ୍ନ କରାଯିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଜିଲାପାଳ ଯୋଗିଆପଲ୍ଲୀ ଓ ସିଂଘାପଡା ୫-ଟି ସ୍କୁଲ ପରିଦର୍ଶନରେ ଯାଇଥିଲେ। ଜିଲାପାଳ ବ୍ଲକ୍ କର୍ତ୍ତୃପକ୍ଷଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଖଣ୍ଡପଡ଼ା ଓଡିଶା ଆଦର୍ଶ ବିଦ୍ୟାଳୟକୁ ପରିଦର୍ଶନରେ ଯାଇ ବିଦ୍ୟାଳୟର ଶିକ୍ଷାଦାନ ଶୈଳୀ, ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ନୟାଗଡ଼ ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ବିଡିଓ ଅରୁଣିମା ସାହୁ, ତହସିଲଦାର ପାର୍ଥ ସାରଥୀ ହାଁସଦା. ମୋ ସ୍କୁଲ ଅଧକ୍ଷ ନବ କିଶୋର ସାହୁ, ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳ ୫-ଟି ସ୍କୁଲ ପରିଦର୍ଶନ କରୁଛନ୍ତି।

## ଅଧାରୁ ସ୍କୁଲ୍ ଛାଡୁଥିବା କିଶୋରୀ କିଶୋର ପାଠ ପଢ଼ିବେ

**ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚର ବୈଠକ**

**ନୟାଗଡ଼ ଅଫିସ,୨୦।୧୦**

ନୟାଗଡ଼ ମିଶନ ଶକ୍ତି ସଭାଗୃହରେ ଜିଲା ପ୍ରଶାସନ ଏବଂ ଆକ୍ସନଏଡ୍‌ର ମିଳିତ ଆନୁକୂଲ୍ୟରେ ଗୁରୁବାର ପୂର୍ବାହ୍ନରେ ଜିଲାସ୍ତରୀୟ ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ସମାଜ ମଙ୍ଗଳ ଅଧିକାରୀ ମମତାରାଣୀ ପାତ୍ର ଅଧ୍ୟକ୍ଷତା କରିଥିଲେ। କିଶୋରୀ କିଶୋରମାନଙ୍କୁ ସ୍କୁଲ ଯିବା ନିମନ୍ତେ ଉତ୍ସାହିତ କରିବା ସହିତ ଅଧାରୁ ପାଠ ଛାଡୁଥିବା ପିଲାମାନେ ପୁନର୍ବାର ବିଦ୍ୟାଳୟରେ କିପରି ନାମ ଲେଖାଇ ପାରିବେ ସେ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପୁଣି ବାଲ୍ୟ ବିବାହରୁ ଉଦ୍ଧାର କରାଯାଉଥିବା କିଶୋରୀମାନଙ୍କୁ ଥାଇଥାନ କରିବାକୁ ଅନୁରୂପ ଭାବେ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମରେ ଆକ୍ସନ ଏଡ୍‌ର ଜିଲା ସଂଯୋଜିକା ଇପ୍ସିତା ଅଗ୍ରୱାଲ ଅଦ୍ୱିକା କାର୍ଯ୍ୟକ୍ରମର ଉପକାରିତା ଏବଂ ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। କିଶୋର କିଶୋରୀମାନେ ଏହି କାର୍ଯ୍ୟକ୍ରମରେ କିପରି ଅଧିକରୁ ଅଧିକ ସାମିଲ ହେବେ ସେ ବିଷୟରେ ବୁଝାଇଥିଲେ। ଶିଶୁମାନଙ୍କର ଶିକ୍ଷା, ସୁରକ୍ଷା ବିଷୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଏ.କେ. ଇନାୟତଉଲ୍ଲା ଗୁରୁତ୍ୱାରୋପ କରିଥିଲେ। ଏତଦ୍‌ବ୍ୟତୀତ ବାଲ୍ୟବିବାହ ନିଷେଧ ଅଧିକାରିଣୀ ବାଲ୍ୟ ବିବାହର କୁପରିଣାମ ଉପରେ ଟିପ୍ପଣୀ ଦେଇଥିଲେ। ବୈଠକରେ ବାଲ୍ୟ ବିବାହକୁ ନା କହିଥିବା ୧୫ଜଣ କିଶୋରୀ କିଶୋରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ, କ୍ଷେତ୍ର ପରିଦର୍ଶିକା, ବିଭିନ୍ନ ବ୍ଲକରୁ ଆସିଥିବା କିଶୋରୀ କିଶୋରମାନେ ଉପସ୍ଥିତ ଥିଲେ।



ବୈଠକରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ କିଶୋରୀ, କିଶୋର।

**ସଂକ୍ଷେପରେ**

## ବ୍ରାଉନ୍‌ସୁଗାର ଜବତ, ଜଣେ ଅଟକ

**ଧର୍ମଶାଳା,୨୦।୧୦(ଡି.ଏନ.ଏ.):** ଯାଜପୁର ଜିଲା ପୋଲିସ ସ୍କ୍ୱାଡ୍ ଗୁରୁବାର ଧର୍ମଶାଳା ଥାନା ଅଞ୍ଚଳରେ ଚଢ଼ାଉ କରି ବ୍ରାଉନସୁଗାର ଜବତ କରିବା ସହ ଜଣକୁ ଅଟକ ରଖିଛି। ଏଠାରେ ବ୍ରାଉନ୍‌ସୁଗାର କାରବାର ହେଉଥିବା ଜାଣି ଜିଲା ପୋଲିସ ସ୍କ୍ୱାଡ୍ ପକ୍ଷରୁ ଧର୍ମଶାଳା ବଜାର ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଅଟକ ଯୁବକଙ୍କୁ ଧର୍ମଶାଳା ଥାନା ପୋଲିସ ଜିମା ଦିଆଯାଇଛି। ତେବେ ଏହି ଘଟଣାରେ ଅନ୍ୟମାନଙ୍କ ସମ୍ପୃକ୍ତି ଥିବା ଯୋଗୁ ଅନ୍ୟ୩ ଜଣଙ୍କୁ ଥାନାକୁ ଆଣି ପୋଲିସ ପଚରା ଉଚରା କରୁଥିବା ଶୁଣାଯାଉଛି। ଅନ୍ୟପକ୍ଷରେ କେତେ ପରିମାଣର ବ୍ରାଉନ ସୁଗାର ଜବତ ହୋଇଛି ଓ ଏହି ଘଟଣାରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ସମ୍ପର୍କରେ ପୋଲିସ ତଥ୍ୟ ଦେବାକୁ ମନା କରିଦେଇଛି।

## କ୍ୟାବିନ ପୋଡ଼ି ଅଭିଯୋଗ

**ବାଲିଚନ୍ଦ୍ରପୁର,୨୦।୧୦(ସ୍ୱ.ପ୍ର.):** ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନଳୀପୁର ଗ୍ରାମରେ ଏକ କ୍ୟାବିନ୍‌କୁ ପୋଡ଼ି ଦିଆଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ନଳୀପୁର ଗ୍ରାମର ରଘୁନାଥ ଦାସ ଗ୍ରାମଠାରୁ କିଛି ଦୂରରେ ଏକ କ୍ୟାବିନ୍ ପକାଇ ପାନ ଦୋକାନ କରିଥିଲେ। ଗତ ୧୬ ତାରିଖ ରାତିରେ ରଘୁନାଥ କ୍ୟାବିନ୍ ବନ୍ଦ କରି ସେଠାରେ ଶୋଇଥିଲେ। ବିଳମ୍ବିତ ରାତିରେ ତାଙ୍କ କ୍ୟାବିନ୍‌ରେ ନିଆଁ ଲାଗି ଯାଇଥିଲା। ଏହା ଜାଣିପାରି ସେ ପଦାକୁ ବାହାରି ଆସିଥିଲେ। ତେବେ ଏହି ସମୟରେ ସେହି ଗ୍ରାମର ରଶ୍ମିରଞ୍ଜନ ବଳ ସେଠାରୁ ଦୌଡ଼ି ପଳାଇ ଯାଉଥିବା ସେ ଦେଖିଥିଲେ। ତେଣୁ ପୂର୍ବ ଶତ୍ରୁତା ଯୋଗୁ ରଶ୍ମିରଞ୍ଜନ ତାଙ୍କ କ୍ୟାବିନ୍‌ରେ ନିଆଁ ଲଗାଇ ଦେଇଥିବା ରଘୁନାଥ ୧୭ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନାଧିକାରୀ ରମାକାନ୍ତ ମୁଦୁଲି ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିବା ଜଣାପଡ଼ିଛି।

## ଏନ୍‌ଫୋର୍ସମେଣ୍ଟ୍ ସ୍କ୍ୱାଡ୍‌ର ଚଢ଼ାଉ, ୨ ଟ୍ରାକ୍ଟର ଜବତ

**ଧର୍ମଶାଳା,୨୦।୧୦(ଡି.ଏନ.ଏ.):** ଧର୍ମଶାଳା ତହସିଲ ଅନ୍ତର୍ଗତ ଲୁଣିବର ଖାଦାନରୁ ବେଆଇନ ଭାବେ କଳାପଥର ଓ କେଲୁଅ ନଦୀରୁ ବେଆଇନ ଭାବେ ବାଲିପରିବହନ କରୁଥିବା ୨ଟ୍ରାକ୍ଟରକୁ ଏନ୍‌ଫୋର୍ସମେଣ୍ଟ୍ ସ୍କ୍ୱାଡ୍ ଜବତ କରିଛି। ଜେନାପୁର ଥାନା ଅନ୍ତର୍ଗତ ଲୁଣିବର ଖାଦାନରୁ କଳାପଥର ପରିବହନ କରୁଥିବା ଏକ ଟ୍ରାକ୍ଟରକୁ ସ୍କ୍ୱାଡ୍ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲା। ମାତ୍ର ଟ୍ରାକ୍ଟର ଚାଳକ କାଗଜପତ୍ର ଦର୍ଶାଇ ପାରି ନ ଥିଲେ। ଫଳରେ ସ୍କ୍ୱାଡ୍ ଟ୍ରାକ୍ଟରକୁ ଜବତ କରି ଚଢ଼େଇଧରା ପୋଲିସ ଚେକ ପୋଷ୍ଟରେ ଅଟକ ରଖିଥିଲା। ସେହିପରି କେଲୁଅ ନଦୀରୁ ବାଲି ଉଠାଇ ପରିବହନ କରୁଥିବା ଏକ ଟ୍ରାକ୍ଟରକୁ ମୁଣ୍ଡୁମାଳଠାରେ ଏନଫୋର୍ସମେଣ୍ଟ୍ ସ୍କ୍ୱାଡ୍ ଜବତ କରି ତହସିଲ କାର୍ଯ୍ୟାଳୟରେ ଅଟକ ରଖିଛି। ଏହି ଟିମ୍‌ରେ ଆରଆଇ ଚନ୍ଦନ ସାହୁ, ବିରଞ୍ଚିନାରାୟଣ ବୋଇତେଇ, ଏଆର୍‌ଆଇ ଜଗବନ୍ଧୁ ଜେନା ଓ ନିର୍ମଳ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

# ଚକ୍ରବ୍ୟୂହରେ ଫସିଛି ବ୍ୟାସନଗର

**ଯାଜପୁର ରୋଡ,୨୦।୧୦(ଡି.ଏନ.ଏ.)**

ରାଜନୈତିକ ଓ ପ୍ରଶାସନିକ ଚକ୍ରବ୍ୟୂହରେ ଫସିଛି ବ୍ୟାସନଗର ସହର। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନେକ ଯୋଜନା କାର୍ଯ୍ୟକାରୀ କରିବାରେ ପାତରଅନ୍ତର ନୀତି ଏବଂ ବିଭିନ୍ନ ଆଳ ଦେଖାଇ ପ୍ରକଳ୍ପ କାମ ଶେଷ ହେବା ପୂର୍ବରୁ ବନ୍ଦ କରାଯିବା କାରଣରୁ ସହରବାସୀଙ୍କୁ ଆନ୍ଦୋଳନମୁଖୀ କରିଛି। ଏପରି କି ସ୍ୱତନ୍ତ୍ର ଜିଲା ଗଠନ ହିଁ ଏକମାତ୍ର ଉପାୟ ବୋଲି କେତେକାଂଶରେ ଦାବି ଉଠିଛି। ରେଲୱେ ଓଭରବ୍ରିଜ କିମ୍ବା ଗଳିପୋଲ, ଟାଉନ ହଲ, ସଂସ୍କୃତି ଭବନ, ପାନ୍ଥଶାଳା, ଷ୍ଟାଡିୟମ, ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ, ବ୍ୟାସ ସରୋବରର ବିକାଶ, ସୁପର ସ୍ପେଶିଆଲିଟି ଡାକ୍ତରଖାନା, ଉପଖଣ୍ଡ ମାନ୍ୟତା ପ୍ରତିଶ୍ରୁତି ଆଦି ପ୍ରକଳ୍ପର କାର୍ଯ୍ୟକାରିତା ଉପରେ ଶଂସୟ ପ୍ରକାଶ ପାଉଛି। ସହରର ସର୍ବାଙ୍ଗୀନ ବିକାଶ ପାଇଁ କୌଣସି ରାଜନୈତିକ ଦଳ ବି ଆନ୍ତରିକତା ଦେଖାଉ ନାହାନ୍ତି । ବରଂ ସହରକୁ ୨୦ ବର୍ଷ ପଛକୁ ଠେଲି ଦେବାକୁ ବିଭିନ୍ନ ଉପାୟରେ ଷଡଯନ୍ତ୍ର କରାଯାଉଛି ବୋଲି ଚର୍ଚ୍ଚା ହେଉଛି।

ବ୍ୟାସନଗର ସହରକୁ ଲାଗି ଏକାଧିକ ଶିଳ୍ପ ଓ ଖଣି ପ୍ରତିଷ୍ଠାନ ଯୋଗୁ ଏହା କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ। ପ୍ରାୟ ସମସ୍ତ ଶିଳ୍ପ କାରଖାନାର ଅଧିକାରୀ ଓ କର୍ମଚାରୀ ଏହି



ବ୍ୟାସ ସରୋବର ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଅଟକିଛି।

ସହର ଉପରେ ନିର୍ଭର କରିଥାନ୍ତି। ତେଣୁ ସହରର ଲୋକ ସଂଖ୍ୟା ବେସରକାରୀ ଭାବେ ପ୍ରାୟ ଦେଢ ଲକ୍ଷ ଟପିଲାଣି। ୧୯୯୪।୧୯୯୪ ରେ ଯାଜପୁରରୋଡ ଏନଏସିକୁ ବ୍ୟାସନଗର ପୌରପରିଷଦ ଭାବେ ସ୍ୱୀକୃତି ମିଳିଥିଲା । ୨୦୦୮ରେ ୨୬ଟି ୱାର୍ଡରେ ଏହା ପରିଣତ ହୋଇଛି । ୨୦୧୩ ପୌର ନିର୍ବାଚନ ପରେ ପରେ ଅନାସ୍ଥା ପ୍ରସ୍ତାବ ନାଟକ ସହରକୁ ରସାତଳଗାମୀ କରିଥିଲା। ଏହାପରେ ପ୍ରାୟ ୪ ବର୍ଷ ପର୍ଯ୍ୟନ୍ତ ପ୍ରଶାସନ ଶାସନରେ ସେଭଳି କୌଣସି ଆଖିଦୃଶିଆ ବିକାଶ ଦେଖିବାକୁ ମିଳି ନ ଥିଲା। ପୌର ପରିଷଦ ଗଠନ ପରେ ଏବେ ଅଧ୍ୟକ୍ଷା ଏବଂ ନିର୍ବାହୀ ଅଧିକାରୀଙ୍କ ବିବାଦ

- ■ ଅଧାଗଢ଼ା ଅବସ୍ଥାରେ ରହିଛି ଏକାଧିକ ପ୍ରକଳ୍ପ
- ■ ଆନ୍ଦୋଳନ ପାଇଁ ସହରବାସୀଙ୍କ ସଜବାଜ
- ■ ବ୍ୟାସସରୋବରର କାମ ଛାଡି ଚାଲିଯିବ ଠିକାସଂସ୍ଥା

ପୁଣି ଏକ ନୂତନ ସମସ୍ୟା ସୃଷ୍ଟି କରିଛି। ସହରର ବିକାଶକୁ ଜଳାଞ୍ଜଳି ଦେଇ କେବଳ ନିଜ ସ୍ୱାର୍ଥ ସାଧନ ଏକମାତ୍ର ଲକ୍ଷ୍ୟ ହେଉଛି ବୋଲି ମତପ୍ରକାଶ ପାଇଛି। ୧୯୮୪ରେ ନିର୍ମିତ ହୋଇଥିବା ଏକ ଷ୍ଟାଡିୟମ ଅଧାଗଢ଼ା ଅବସ୍ଥାରେ ପଡି ରହିଛି। ଗତ ୧୨ ବର୍ଷ ହେଲା ଯାଜପୁର ରୋଡ ପାନ୍ଥଶାଳା ଅଚଳ ହୋଇ ପଡିଛି। ପ୍ରଶାସନ ଏଥିପ୍ରତି ଆଦୌ ଦୃଷ୍ଟି ଦେଉ ନ ଥିବାରୁ ତାହା ଭୂତକୋଠିରେ ପରିଣତ ହୋଇଛି। ୨୦୧୬ରେ ଶିଳାନ୍ୟାସ ହୋଇଥିବା କଲ୍ୟାଣ ମଣ୍ଡପ ନିର୍ମାଣ କାମ ଆରମ୍ଭ ହୋଇ ପାରିନାହିଁ। ବ୍ୟାସନଗର ବସଷ୍ଟାଣ୍ଡକୁ ଅତ୍ୟାଧୁନିକ ବସ ଟର୍ମିନାଲରେ ପରିଣତ କରିବାକୁ ପ୍ରଶାସନ ଘୋଷଣା କରିଥିଲା। ହେଲେ କେନ୍ଦ୍ରୀୟ ପଣ୍ୟାଗାର ସମ୍ମୁଖରେ ଚିହ୍ନଟ ଜମିରେ ଜବରଦଖଲ କାରଣରୁ ଏହା ଦିବାସ୍ୱପ୍ନ ହୋଇଛି। ସେହିପରି ଭେଣ୍ଡିଂ ଜୋନ ନିର୍ମାଣ ଫଳକରେ ସୀମିତ ରହିଛି। ଯାଜପୁର ରୋଡ ଥାନା ନିକଟରେ ନିର୍ମିତ ଶ୍ରମିକ ଆଶ୍ରୟ ସ୍ଥଳୀ ୫ ବର୍ଷ ପରେ ବି ସରୁନି। ଦଳାଛକ ନିକଟରେ ନିର୍ମାଣାଧୀନ ବ୍ୟାସ ଟାଉନ ହଲ ମଧ୍ୟ ଅସମ୍ପୂର୍ଣ୍ଣ ହୋଇ ପଡିଛି। ବିଶେଷ କରି ୬୪ କୋଟି ଟଙ୍କାରେ ନିର୍ମାଣାଧୀନ ବ୍ୟାସସରୋବରର ବିକାଶ କାମ ବନ୍ଦ ହେବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଉଗ୍ରରୂପ ନେବାରେ ଲାଗିଛି। ଏନ୍‌ଜିଟି କବଳରୁ ମୁକ୍ତ କରିବାକୁ ପ୍ରଶାସନିକସ୍ତରରେ ଆନ୍ତରିକତାର ଅଭାବ ଜଳଜଳ ହୋଇ ଦିଶୁଛି। ଏନଜିଟିର ସ୍ଥଗିତାଦେଶ ଉଠାଇବାକୁ ପ୍ରଶାସନ ପକ୍ଷରୁ ତାରିଖର ଦିନକ ପୂର୍ବରୁ ଆବେଦନ କରିବା ଏହାର ପ୍ରମାଣ ବୋଲି ଅଭିଯୋଗ ହୋଇଛି। ଏଥିପାଇଁ ସଂପୃକ୍ତ ଠିକାସଂସ୍ଥା କାମ ଛାଡି ଚାଲିଯିବାକୁ ମନସ୍ଥ କରିଥିବା ସୂଚନା ମିଳିଛି।

ଏହାବାଦ୍ ଦୀର୍ଘ ୫୦ ବର୍ଷ ହେଲା ସହରବାସୀଙ୍କୁ ଦୁଃଖ ବାଣ୍ଟୁଥିବା ସାଇ ମନ୍ଦିର ରେଲୱେ ଫାଟକ ଉପରେ ଏକ ଓଭର ବ୍ରିଜ ନିର୍ମାଣ ପ୍ରଶାସନିକ ଅବହେଳା କାରଣରୁ ବନ୍ଦ ହେବାର ଆଶଙ୍କା ପ୍ରକାଶ ପାଇଛି। ଯାଜପୁର ସହରର ବିକାଶ ପାଇଁ ଶତାଧିକ ବେସରକାରୀ ଜମି ଅଧିଗ୍ରହଣ କରାଯାଇଥିବା ସହ ଏକାଧିକ ଗୃହ ଭଙ୍ଗା ଯାଉଛି। କିନ୍ତୁ ବ୍ୟାସନଗର ସହରରେ ଜମି ଅଧିଗ୍ରହଣ ଭୟ ଯୋଗୁ ଏହି ପ୍ରକଳ୍ପକୁ ଅଣଦେଖା କରାଯାଇଛି। ଏଥିପାଇଁ ବ୍ୟାସନଗର ନାଗରିକ କମିଟି ପକ୍ଷରୁ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବିକାଶ ସ୍ୱପ୍ନ ଦେଖାଇ ଠକୁଥିବା ରାଜନେତାମାନେ କ୍ରମଶଃ ସହରବାସୀଙ୍କ ଆସ୍ଥା ହରାଉଥିବା ଅଭିଯୋଗ ହୋଇଛି । ରେଲୱେ ଓଭରବ୍ରିଜ ନିର୍ମାଣ ପାଇଁ ଜନସ୍ୱାର୍ଥ ମାମଲା ରୁଜୁ କରିଥିବା ଜିତେନ୍ଦ୍ର କୁମାର ପଡିହାରୀ କହିଛନ୍ତି, ରେଳ ବିଭାଗ ଏବଂ ରାଜ୍ୟସ୍ତରରେ ଉଚ୍ଚ କର୍ତ୍ତୃପକ୍ଷ ଏହି ପ୍ରକଳ୍ପ ଆରମ୍ଭ କରିବାକୁ ସବୁଜ ସଙ୍କେତ ଦେଇ ସାରିଛନ୍ତି। ଯଦି ଜିଲାପାଳ ଏଥିରେ ସହଯୋଗ କରୁ ନାହାନ୍ତି ତେବେ ସେଥିପାଇଁ ସେ ବ୍ୟକ୍ତିଗତ ଭାବେ ଦାୟୀ ରହିବେ। ସାମାଜିକ କର୍ମୀ ଚନ୍ଦ୍ରଶେଖର ପଣ୍ଡା କୁହନ୍ତି, ବ୍ୟାସନଗର ସହରର ବିକାଶରେ କେହି ଜଣେ ଜାଣିଶୁଣି ଅନ୍ତରାୟ ସୃଷ୍ଟି କରୁଛନ୍ତି। ଏଥିପାଇଁ ଅନେକ ପ୍ରକଳ୍ପ ନିର୍ମାଣାଧୀନ ଅବସ୍ଥାରେ କିମ୍ବା କେତେକ କାମ ନ ହୋଇ ପଡି ରହିଛି। ଏଥିରେ ସହରବାସୀଙ୍କ ମଧ୍ୟରେ ଏକ ନକରାତ୍ମକ ଚିନ୍ତାଧାରା ଜନ୍ମ ନେଉଛି। ଯାହାକି ଖୁବଶୀଘ୍ର ଆନ୍ଦୋଳନ ମାଧ୍ୟମରେ ପରିସ୍ଫୁଟ ହେବ।

ରେଲୱେ ଓଭରବ୍ରିଜ ନିର୍ମାଣ ସଂକ୍ରାନ୍ତରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ପଚାରିବାରେ ସେ କୁହନ୍ତି, ଏଯାଏ ରେଳ ବିଭାଗ ପକ୍ଷରୁ ତାଙ୍କୁ କୌଣସି ଯୋଗାଯୋଗ କରାଯାଇ ନାହିଁ । ନିର୍ମାଣ ଏବଂ ଜମି ଅଧିଗ୍ରହଣ ସଂକ୍ରାନ୍ତରେ ପତ୍ର ଆସିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

# ପ୍ରଦୂଷଣ ନିୟନ୍ତ୍ରଣ କରି ଶିଳ୍ପର ପ୍ରଗତି ହେଉ

**ଯାଜପୁର ଅଫିସ/କଳିଙ୍ଗନଗର (ଡି.ଏନ.ଏ.),୨୦।୧୦**

ଓଡିଶା ବିଧାନସଭା ପରିବେଶ ଗୃହ କମିଟି ଗୁରୁବାର କଳିଙ୍ଗନଗର ଶିଳ୍ପାଞ୍ଚଳ ପରିଦର୍ଶନ କରି ଫେରିଛନ୍ତି। ଗୃହ କମିଟିର ଅଧ୍ୟକ୍ଷ ତଥା ବିରୋଧି ଦଳର ମୁଖ୍ୟ ସଚେତକ ବିଧାୟକ ମୋହନ ଚରଣ ମାଝିଙ୍କ ନେତୃତ୍ୱରେ ପରିବେଶ ଉପ କମିଟି-୨ ର ସଦସ୍ୟମାନେ ଟାଟା ଷ୍ଟିଲ, ମୈଥାନ ଇସ୍ପାତ୍ ଓ ଭିସା ଷ୍ଟିଲ କାରଖାନା ପରିଦର୍ଶନ ସମୟରେ ପ୍ରଦୂଷଣ ଜନିତ ଅନେକ ଦୋଷ ତ୍ରୁଟି ଦେଖିବାକୁ ମିଳିଥିବା ପ୍ରକାଶ କରିଛନ୍ତି। ଶିଳ୍ପର ପ୍ରଗତି ହେଉ, ମାତ୍ର ପରିବେଶଗତ ବିଭିନ୍ନ ସର୍ତ୍ତ ଅନୁପାଳନ କରିବାକୁ ମାଝି ଗୁରୁତ୍ୱାରୋପ କରିଥିଲେ । ଏହାକୁ ସୁଧାରିବାକୁ କାରଖାନାର ପ୍ରମୁଖ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏନେଇ ଅପରାହ୍ନରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକର ଆୟୋଜନ କରିଥିଲେ। ଉକ୍ତ

**ବିଧାନସଭା ପରିବେଶ କମିଟିର ଯାଜପୁର ଜିଲା ଗସ୍ତ**



କଳିଙ୍ଗନଗର ଶିଳ୍ପାଞ୍ଚଳରେ ବିଧାନସଭା ପରିବେଶ କମିଟି ସଦସ୍ୟ।

ବୈଠକରେ ବିଗତ ୧୦ ବର୍ଷ ମଧ୍ୟରେ ଯେଉଁ ଶିଳ୍ପ କାରଖାନାଗୁଡ଼ିକ ପ୍ରଦୂଷଣ ସମ୍ବନ୍ଧୀୟ ସର୍ତ୍ତ ଅନୁପାଳନ କରିନାହାନ୍ତି ଏବଂ ସର୍ତ୍ତ ଖିଲାପକାରୀଙ୍କ ପାଇଁ ବିଗତ ଦିନରେ ଜିଲା ପ୍ରଶାସନ କି ପ୍ରକାର ପଦକ୍ଷେପମାନ ଗ୍ରହଣ କରିଛି ତାହା କମିଟି ଆଗରେ ଉପସ୍ଥାପନ କରିବାକୁ ଅଧ୍ୟକ୍ଷ ମାଝି କହିଥିଲେ । କମିଟିର ଗସ୍ତ ସମୟରେ ଶିଳ୍ପାଞ୍ଚଳରେ ପ୍ରବାହିତ ଗଣ୍ଡାନାଳର ଜଳ ପ୍ରଦୂଷଣ ନେଇ କମିଟି ଉଦ୍‌ବେଗ ପ୍ରକାଶ କରିଥିଲା। ବିଭିନ୍ନ କଳ କାରଖାନାରୁ ପ୍ରବାହିତ ଜଳ ଗଣ୍ଡାନାଳ ଦେଇ ନିଷ୍କାସନ ହେବା ଫଳରେ ଜଳ ପ୍ରଦୂଷିତ ହୋଇ ଫସଲ ତଥା ଧନ ଜୀବନ ନଷ୍ଟ ହେଉଛି ବୋଲି ସ୍ଥାନୀୟ ଅଧିବାସୀ କମିଟି ଆଗରେ ଅଭିଯୋଗ କରିଥିଲେ। ଏଣୁ କାରଖାନା ପରିସରରେ ନିଷ୍କାସିତ ହେଉଥିବା ଭୂପୃଷ୍ଠ ଜଳ ଯେପରି ଗଣ୍ଡାନାଳକୁ ପ୍ରବେଶ ନ କରେ ସେଥିପ୍ରତି ସତର୍କ ରହିବାକୁ କାରଖାନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି କମିଟିରେ ସଦସ୍ୟ ସି.ଏସ୍. ରାଜେନ ଏକ୍କା, ବିଧାୟକ ନାଉରି ନାୟକ ପ୍ରମୁଖ ଉପସ୍ଥିତ ରହି ଜଳ ପ୍ରଦୂଷଣ ନିୟନ୍ତ୍ରଣ ଉପରେ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ସମୀକ୍ଷା ବୈଠକରେ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର, କଟକ ବନ ଅଧିକାରୀ ସଞ୍ଜୟ କୁମାର ସ୍ୱାଇଁ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, କଳିଙ୍ଗ ନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଉପଜିଲାପାଳ ଗୋପୀନାଥ କୁଅଁର, ବିଭିନ୍ନ ଶିଳ୍ପାନୁଷ୍ଠାନର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ମନ୍ଦିରରୁ ଚୋରି ଅଭିଯୋଗରେ ବାପପୁଅ ଗିରଫ

**ଚଣ୍ଡିଖୋଲ,୨୦।୧୦(ଡି.ଏନ.ଏ.)**

ବିଭିନ୍ନ ମନ୍ଦିରରୁ ଚୋରି କରୁଥିବା ଅଭିଯୋଗରେ ବାଲିଚନ୍ଦ୍ରପୁର ପୋଲିସ ବାପପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ବଡ଼ ବାଲିକୁଦା ଗ୍ରାମର ବାସୁଦେବ ଦେଓ(୬୦) ଓ ତାଙ୍କ ପୁଅ ପବିତ୍ର ଦେଓ(୨୮)। ଗତ ୧୭ ତାରିଖ ରାତିରେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ମାଣ୍ଡୁକାସ୍ଥିତ ବିରୂପାକ୍ଷେଶ୍ୱର ଶିବ ମନ୍ଦିରରୁ ଚୋରି ହୋଇଥିଲା। ପରେ ହଳଧରପୁରଠାରେ ଥିବା ଏକ ମନ୍ଦିରରୁ ମଧ୍ୟ ଚୋରି ହୋଇଥିଲା। ଏହାପରେ ବାପପୁଅ ଫେରୁଥିବା ବେଳେ ବରୀ ରାମଚନ୍ଦ୍ରପୁର ଥାନା ପାଟ୍ରୋଲିଂ ପୋଲିସ ସେମାନଙ୍କୁ ଧରିଥିଲା। ପଚରା ଉଚରା କରିବା ପରେ ସେମାନେ ବାଲିଚନ୍ଦ୍ରପୁର ଥାନା ଅଧୀନରେ ଥିବା ୨ ମନ୍ଦିରରୁ ଚୋରି କରିଥିବା ସ୍ୱୀକାର କରିଥିଲେ। ଏ ସମ୍ପର୍କରେ ବରୀ ପୋଲିସ ବାଲିଚନ୍ଦ୍ରପୁର ଥାନାକୁ ଖବର ଦେଇଥିଲା। ବାଲିଚନ୍ଦ୍ରପୁର ପୋଲିସ ସେମାନଙ୍କୁ ଆଣି ପଚରା ଉଚରା କରିବା ପରେ ବାପପୁଅ ବିଭିନ୍ନ ମନ୍ଦିରରୁ ପିତଳ ବାସନ ଚୋରି କରି ଧର୍ମଶାଳା ଅଞ୍ଚଳରେ ବିକ୍ରି କରିଥିବା କହିଥିଲେ। ଏପରି କି ସେମାନେ ରାହାଳ ଶିବ ମନ୍ଦିର, ଖଡ଼ିଅଙ୍ଗ ତାରିଣୀ ମନ୍ଦିର, ନାନକର ମନ୍ଦିର ଆଦିରୁ ଚୋରି କରିଥିବା ପୋଲିସ ଆଗରେ ମାନିଥିଲେ। ପରେ ପୋଲିସ ସେମାନେ ବିକ୍ରି କରିଥିବା ସ୍ଥାନଗୁଡ଼ିକରେ ଚଢ଼ାଉ କରି ୮୦ ହଜାର ଟଙ୍କା ମୂଲ୍ୟର ପିତଳ ବାସନ ଜବତ କରିଛି। ଏନେଇ ଥାନାରେ ନଂ.୩୭୬/୨୨ରେ ଏକ ମାମଲା ରୁଜୁ ହୋଇଛି।

## ଧର୍ମଶାଳା ଖୋଜ ଅନୁଷ୍ଠାନର ସ୍ଥାୟୀ କମିଟି ଗଠନ

**ଧର୍ମଶାଳା,୨୦।୧୦(ଡି.ଏନ.ଏ.)**

ଧର୍ମଶାଳାର ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ପ୍ରାକୃତିକ ବୈବଭ ଖୋଜୁଥିବା ସାମାଜିକ ଅନୁଷ୍ଠାନ ଧର୍ମଶାଳା ଖୋଜର ଏକ ବୈଠକ ଜାରକାଠାରେ ଅନୁଷ୍ଠିତ ହୋଇଯାଇଛି। ଏହାର ପ୍ରତିଷ୍ଠାତା ପ୍ରାକ୍ତନ ବିଧାୟକ ଗୁରୁଚରଣ ଟିକାୟତ ଏଥିରେ ଅଧ୍ୟକ୍ଷତା କରିଥିଲେ। ଧର୍ମଶାଳା ଅଞ୍ଚଳରେ ଲୁକ୍କାୟିତ ଥିବା ପ୍ରତିଭା ଓ ସାଂସ୍କୃତିକ ବୈବଭକୁ ଲୋକଲୋଚନକୁ ଆଣିବା ଏହି ଅନୁଷ୍ଠାନର ଲକ୍ଷ୍ୟ ରହିଛି। ଆଲୋଚନାରେ ଅନୁଷ୍ଠାନର ଏକ ସ୍ଥାୟୀ କମିଟି ଗଠନ କରାଯାଇଥିଲା। କମିଟିର ସଭାପତି ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ନିର୍ମଳ ସାମଲ, ଉପସଭାପତି ଅବଦୁଲ କଲାମ, ସମ୍ପାଦକ ନାଗେଶ୍ୱର ବେହେରା, ସହସମ୍ପାଦକ ସନ୍ତୋଷ କୁମାର ଜେନା, ସଂଯୋଜକ ଭାବେ ପୂର୍ବତନ ଜିଲାପରିଷଦ ସଭ୍ୟ ସୁଧୀର କୁମାର ନାୟକ ରହିଥିବାବେଳେ ଅନୁଷ୍ଠାନ ପ୍ରତିଷ୍ଠାତା ଟିକାୟତଙ୍କୁ ଅର୍ଥ ସମ୍ପର୍କିତ ଦାୟିତ୍ୱ ଦିଆଯାଇଥିଲା। ଏତଦ୍‌ବ୍ୟତୀତ ପୂର୍ବତନ ଜିଲା ପରିଷଦ ସଭ୍ୟ ଦିଲୀପ ରାଉତ, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ସ୍ୱାଇଁ, ଶିକ୍ଷାବିତ ରବୀନ୍ଦ୍ର ସାହୁ, ପ୍ରସନ୍ନ ବରାଳ, ସାହିତ୍ୟିକ ଅର୍ଜ୍ଜୁନ ପୃଷ୍ଟି, ରାଜୀବ ମଳିକ, ବିଷ୍ଣୁ ଚରଣ ବାରିକ, ମନୋଜ କୁମାର ନାୟକ, ଗୌରାଙ୍ଗ ସାହୁ, ଦିବ୍ୟଜ୍ୟୋତି ସାମଲ ଓ ଉଦୟ ମହାରଣା କାର୍ଯ୍ୟକାରୀ ସମିତି ସଭ୍ୟ ଭାବେ ମନୋନୀତ ହୋଇଛନ୍ତି।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ କୋଦାଳରେ ଆକ୍ରମଣ

**ଦଶରଥପୁର,୨୦।୧୦(ଡି.ଏନ.ଏ.)**

ଜମିଜମା ବିବାଦକୁ କେନ୍ଦ୍ର ଗୁରୁବାର ମଙ୍ଗଳପୁର ଥାନା ଅଧୀନ ହୀରାପୁର ଛକ ନିକଟରେ ସୁରେଶ ସେଠୀ ନାମକ ଜଣେ ଯୁବକଙ୍କୁ ତାଙ୍କ ସମ୍ପର୍କୀୟ ଭାଇ କୋଦାଳରେ ହାଣି ଦେଇଛନ୍ତି । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଯାଇଛି।

ସୂଚନା ଅନୁଯାୟୀ, ମଙ୍ଗଳପୁର ଥାନା ଦୁଦୁରାଅନ୍ତା ପଞ୍ଚାୟତ ଦୁଦୁରାଅନ୍ତା ଗ୍ରାମର ସୁରେଶ ସେଠୀଙ୍କ ପରିବାର ସହିତ ସେହି ଗ୍ରାମର ସନ୍ତୋଷ ସେଠୀଙ୍କ ପରିବାର ମଧ୍ୟରେ ଜମିଜମା ବିବାଦ ରହିଥିଲା। ଗୁରୁବାର ଅପରାହ୍ନରେ ସୁରେଶ ମଙ୍ଗଳପୁର ବଜାରରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ହୀରାପୁର ଗ୍ରାମ ନିକଟରେ ପୂର୍ବରୁ ପ୍ରସ୍ତୁତ ଥିବା ସନ୍ତୋଷ ହଠାତ୍ ତାଙ୍କୁ ଅଟକାଇ ଏକ କୋଦାଳରେ ମୁଣ୍ଡକୁ ହାଣି ଦେଇଥିଲେ। ଏଥିରେ ସୁରେଶ ସଂଜ୍ଞାହୀନ ହୋଇ ଘଟଣାସ୍ଥଳରେ ଟଳି ପଡିଥିଲେ। ସ୍ଥାନୀୟ ଲୋକେ ସୁରେଶଙ୍କୁ ନିକଟସ୍ଥ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ସହ ସନ୍ତୋଷଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଏ ସଂକ୍ରାନ୍ତରେ ସୁରେଶଙ୍କ ସ୍ତ୍ରୀ ମଞ୍ଜୁଲତା ସେଠୀ ଲିଖିତ ଅଭିଯୋଗ ପରେ ମଙ୍ଗଳପୁର ଥାନାଧିକାରିଣୀ ରୀନାରାଣୀ ସାହୁ ଘଟଣାସ୍ଥଳରେ ପହଞ୍ଚି ଆକ୍ରମଣରେ ବ୍ୟବହୃତ କୋଦାଳକୁ ଜବତ କରିଛନ୍ତି । ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି ।

## ସାଧନ କେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ




ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ସିଂହପୁର,୨୦।୧୦(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସରକାରୀ ଉପ୍ରା ବିଦ୍ୟାଳୟରେ ଗୁରୁବାର ଚନ୍ଦନପୁର ସାଧନ କେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରତାପ ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ଗୋପୀନାଥ କୁଅଁର, ମୁଖ୍ୟବକ୍ତା ବିଡିଓ ମିନତି ଜଗଦ୍ଦେବ, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ଏବିଇଓ ନିଜାମୁଦିନ, ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି କୈଳାସ ସେଠୀ, ସରପଞ୍ଚ ଶଶାଙ୍କ ଶେଖର ଖିଲାର, ସମିତିସଭ୍ୟା, ଭାଗ୍ୟବତୀ ଧଳ, ଜିଲାପରିଷଦ ସଭ୍ୟ ଖଗେଶ୍ୱର ମହାନ୍ତି, ସଂଘ ସଭାପତି ରବିନାରାୟଣ ମହାନ୍ତି, ସମ୍ପାଦକ ଅକ୍ଷୟ ସାମଲ, ପ୍ରଧାନ ଶିକ୍ଷକ ଗଣେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କଳା ଶିକ୍ଷକ ଦିନେଶ ମଳିକ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗରେ ୧୧୫ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଜୟିନୀ ଦାସ ସ୍ୱାଗତ ସଂଗୀତ ପରିବେଷଣ ଓ ମାନସୀ ସାହୁ ନୃତ୍ୟ ପରିବେଷଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ତ୍ରିନାଥ ବେଉରିଆ, ହିମାଂଶୁ ଶେଖର ଧଳ, ମଳୟ ଦାଶ, ଅମୂଲ୍ୟ ନାୟକ, ସଞ୍ଜୀବ ବେଉରିଆ ଓ ଦିବ୍ୟରଞ୍ଜନ ବେଉରିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଆର୍‌ସିସି କେଦାରନାଥ ଦାସ ଧନ୍ୟବାଦ ଦେଇଥିଲେ।

## ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି

**ରସୁଲପୁର,୨୦।୧୦(ଡି.ଏନ.ଏ.)**

ରସୁଲପୁର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ବିଡିଓ ଅବନିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେଉରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଓ ତାହାକୁ ନେଇ ରହିଥିବା ଜନସାଧାରଣ, ପ୍ରଶାସନର ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ସମାଧାନର ସୂତ୍ର ସମ୍ପର୍କରେ କହିଥିଲେ। ଶିବିରରେ ଜାତୀୟ ସାମାଜିକ ସହାୟତା, ପଞ୍ଚଦଶ ଅର୍ଥ କମିଶନ ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏମ୍‌ଜି ଏନ୍‌ଆର୍‌ଇଜିଏସ୍‌ରେ ବିଭିନ୍ନ ପଞ୍ଚାୟତରେ ହୋଇଥିବା ଖର୍ଚ୍ଚ ସମ୍ପର୍କରେ ସମୀକ୍ଷା



ଜନଶୁଣାଣିରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ

କରାଯାଇଥିଲା। ଏଥିରେ ୧ ଏପ୍ରିଲ ୨୦୨୧ରୁ ୩୧ ମାର୍ଚ୍ଚ ୨୦୨୨ ପର୍ଯ୍ୟନ୍ତ ଉପରୋକ୍ତ ଯୋଜନାରେ ଖର୍ଚ୍ଚ ହୋଇଥିବା ଅନୁଦାନ ସମ୍ପର୍କରେ ଏବିଡିଓ ଦିବ୍ୟକାନ୍ତି ମିଶ୍ର ସୂଚନା ଦେଇଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ନଠୁଆବର ପଞ୍ଚାୟତ ଗୋଟିଏ ଆର୍ଥିକ ବର୍ଷରେ ସର୍ବାଧିକ ୮୯.୮୩ ଲକ୍ଷ ଟଙ୍କା ଖର୍ଚ୍ଚ କରି ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ବାରବାଟୀ ପଞ୍ଚାୟତରେ ସର୍ବାଧିକ ୧୫୫ଜଣ ଜବକାର୍ଡଧାରୀଙ୍କୁ ୧୦୦ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଥିବାରୁ ଏସବୁ ପଞ୍ଚାୟତର ଉଦ୍ୟମକୁ ପ୍ରଶଂସା କରାଯାଇଥିଲା।

ସାମାଜିକ ନିରାପତ୍ତା ଯୋଜନାରେ ହିତାଧିକାରୀଙ୍କ ସହାୟତା ଅର୍ଥ ସେମାନଙ୍କ ଜମାଖାତାକୁ ଯାଉଥିବା ବେଳେ ଏନେଇ ନାନା ସମସ୍ୟା ଦେଖାଦେଉଛି ବୋଲି ଅଭିଯୋଗ ହୋଇଥିଲା। ଏହାର ସମାଧାନ ପାଇଁ କେଉଁ ସବୁ ଦିଗପ୍ରତି ଧ୍ୟାନ ଦେବାକୁ ହେବ, ଆଉ ଏଥିରେ ବ୍ଲକ ଓ ପଞ୍ଚାୟତ ପ୍ରଶାସନର କ'ଣ ଭୂମିକା ରହିବ ସେ ଦିଗରେ ପକଳ୍ପ ନିର୍ଦ୍ଦେଶକ ବେଉରିଆ ସୂଚନା ଦେଇଥିଲେ। ବ୍ଲକର ୨୮ପଞ୍ଚାୟତରେ ମୋଟ୍ ୨୫,୪୭୪ଜଣଙ୍କୁ ଜବକାର୍ଡ ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ ୬,୬୯୫ ପରିବାରକୁ କାର୍ଯ୍ୟ ଯୋଗାଇ ଦିଆଯାଇଥିବାବେଳେ ୨,୪୬,୧୦୫ଟି ଶ୍ରମଦିବସ ସୃଷ୍ଟି କରାଯାଇଥିଲା। ଏହି ସମୟ ମଧ୍ୟରେ ୧୨୬ଟି ପରିବାରକୁ ୧୦୦ଟି କାର୍ଯ୍ୟ ଦିବସ ଯୋଗାଇ ଦିଆଯାଇଥିଲା। ଏହି ଆର୍ଥିକ ବର୍ଷରେ ୩୦୬୦ଟି ପ୍ରକଳ୍ପ ହାତକୁ ନିଆଯାଇଥିଲା। ମଜୁରି ଓ ସାମଗ୍ରୀ ବାବଦକୁ ୮୮୦.୭୬ଲକ୍ଷ ଟଙ୍କା ବ୍ୟୟ କରାଯାଇ ୧୦୮୮ଟି ସ୍ଥାୟୀ ସମ୍ପତ୍ତି ସୃଷ୍ଟି କରାଯାଇଥିଲା ବୋଲି ସୂଚନା ଦିଆଯାଇଥିଲା। ଉକ୍ତ ସମୀକ୍ଷା ବୈଠକରେ ଜିଲା ସାମାଜିକ ସମୀକ୍ଷକ ସତ୍ୟରଞ୍ଜନ ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳ, ଏପିଓ ବିଷ୍ଣୁଦତ୍ତ ଧଳ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ବିଭିନ୍ନ ବିଭାଗ ଅଧିକାରୀ, ସାମାଜିକ କର୍ମୀ, ଗ୍ରାମ୍ୟ ସମ୍ବଳ ସମୀକ୍ଷକ, ପିଇଓ, କନିଷ୍ଠ ଯନ୍ତ୍ରୀ ଓ ଜିଆର୍‌ଏସ୍ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଗ୍ରୀଟ୍‌ରେ ଜିଲାର ଅଧିକ ଅଞ୍ଚଳ ସାମିଲ ହେବ

## ଗ୍ରୀଟ୍ ଅଧ୍ୟକ୍ଷ ଦାୟିତ୍ୱ ନେଲେ ପବିତ୍ର

ଭଞ୍ଜନଗର,୨୦।୧୦(ଡି.ଏନ୍.ଏ.)

ଗଞ୍ଜାମ ଆଞ୍ଚଳିକ ଉନ୍ନୟନ ସଂସ୍ଥା (ଗ୍ରୀଟ୍)ର ଅଧ୍ୟକ୍ଷ ଭାବେ ମୁଖ୍ୟମନ୍ତ୍ରୀଙ୍କ ହିଞ୍ଜିଳିକାଟୁ ମ୍ୟୁନିସିପାଲଟି ପୂର୍ବତନ ପ୍ରତିନିଧି ତଥା ଗଞ୍ଜାମ ଜିଲା ବିଜେଡ଼ି ସାଧାରଣ ସମ୍ପାଦକ ପବିତ୍ର ମୋହନ ପାଣିଗ୍ରାହୀ ଦାୟିତ୍ୱ ନେଇଛନ୍ତି। ଗୁରୁବାର ମଧ୍ୟାହ୍ନରେ ପାଣିଗ୍ରାହୀ ଭଞ୍ଜନଗର କାର୍ଯ୍ୟାଳୟରେ ପହଞ୍ଚି ଦାୟିତ୍ୱ ନେଇଥିଲେ। ଭଞ୍ଜନଗର ନିର୍ବାଚନମଣ୍ଡଳୀ ବିଜେଡ଼ି ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଦାୟିତ୍ୱ ନେବାପରେ ପାଣିଗ୍ରାହୀ ଗ୍ରୀଟ୍‌ର ବିକାଶ କରାଯିବ ବୋଲି ଗଣମାଧ୍ୟମକୁ କହିଛନ୍ତି। ଏଥିସହ ଗ୍ରୀଟ୍‌ରେ ଜିଲାର ଅଧିକ ଅଞ୍ଚଳ କିଭଳି ସାମିଲ ହୋଇପାରିବ ସେ ନେଇ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି। ଭଞ୍ଜନଗର ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଆସିକା ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ହିଞ୍ଜିଳିକାଟୁ ଏନଏସି ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପୋଲେଇ, ବେଲଗୁଣ୍ଠା ଏନଏସି ଅଧ୍ୟକ୍ଷ ଫିରୋଜ ସେଠୀ, ନିଳମଣି ପଟ୍ଟନାୟକ ପ୍ରମୁଖ ଗ୍ରୀଟ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ ବେଳେ ଉପସ୍ଥିତ ଥିଲେ ।

୧୯୯୬ ଡିସେମ୍ବର ୧୬ରେ ଗ୍ରୀଟ୍ ଗଠନ ହୋଇଥିଲା। ଉକ୍ତ ସଂସ୍ଥା ମାଧ୍ୟମରେ ହିଞ୍ଜିଳିକାଟୁ, ଆସିକା, ବେଲଗୁଣ୍ଠା ଓ ଭଞ୍ଜନଗର ଏନ୍ଏସି ସମେତ ୫୨ଟି ଗ୍ରାମ ପଞ୍ଚାୟତର ଉନ୍ନତି କରାଯାଉଛି ।



ପବିତ୍ର ମୋହନ ପାଣିଗ୍ରାହୀ ଅଧ୍ୟକ୍ଷ ଦାୟିତ୍ୱ ନେଉଛନ୍ତି।

ଉକ୍ତ ସଂସ୍ଥାକୁ ଚଳାଇବା ପାଇଁ ସରକାର ଅନୁଦାନ ଦେଉଛନ୍ତି। ସଂସ୍ଥାର ନିଜସ୍ୱ ଆୟ ଭାବେ ଘର ଓ ବସ୍‌ଷ୍ଟାଣ୍ଡ ଭଡ଼ା ବାବଦକୁ ମାସିକ ୧ଲକ୍ଷ ୮୫ ହଜାର ଟଙ୍କା ଆସୁଛି। ଗ୍ରୀଟ୍ ମାଷ୍ଟରପ୍ଲାନ ଅଞ୍ଚଳରେ ଯେଉଁମାନେ ଘର କିଣାବିକା କରିବେ ସେଥିରୁ ଷ୍ଟାମ୍ପ ଡ୍ୟୁଟି ବାବଦକୁ ୨ ପ୍ରତିଶତ ଅର୍ଥ ମିଳୁଛି । ଗତବର୍ଷ ଏ ବାବଦରେ ୨୬ଲକ୍ଷ ଟଙ୍କା ମିଳିଥିଲା। ଚଳିତବର୍ଷ ଅଧିକ ମିଳିବା ସମ୍ଭାବନା ରହିଛି । ଘରବାରି ପଟ୍ଟା ପାଇଁ ଆବେଦନ କରିବାକୁ ହେଲେ ପଟ୍ଟା ପିଛା ୧୦୦ ଟଙ୍କା ଗ୍ରୀଟ୍ ଆଦାୟ କରୁଛି । ବର୍ତ୍ତମାନ ବିଭିନ୍ନ ବାବଦକୁ ୪କୋଟି ୫୦ ଲକ୍ଷ ଟଙ୍କା ଗଚ୍ଛିତ ଅଛି । ଉକ୍ତ ଅର୍ଥ ଆଗାମୀ ଦିନରେ ବିଭିନ୍ନ ଅଞ୍ଚଳର ଉନ୍ନୟନ ପାଇଁ ଖର୍ଚ୍ଚ କରାଯିବ । ୫ଜଣ କର୍ମଚାରୀ ଥିବାବେଳେ ସେମାନଙ୍କ ବାବଦକୁ ମାସକୁ ମାତ୍ର ୧ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । ସରକାର ଏହି ସଂସ୍ଥା ପ୍ରତି ବିଶେଷ ଗୁରୁତ୍ୱ ଦେଉ ନ ଥିବା ଯୋଗୁ ଏହା ଏକ ପ୍ରକାର ସ୍ଥାଣୁ ଅବସ୍ଥାରେ ଅଛି । ଗ୍ରୀଟ୍ ଗଠନ ହେବାର ୨୬ବର୍ଷ ପୁରିବାକୁ ଯାଉଛି । ସେଥିମଧ୍ୟରେ ଅଧାରୁ ଅଧିକ ଦିନ ଜିଲାପାଳ ଏବଂ ଏଡ଼ିଏମ୍‌ମାନେ ଦାୟିତ୍ୱରେ ଥିବାବେଳେ ରାଜନୈତିକ ନେତାମାନେ ପ୍ରାୟ ୧୨ ବର୍ଷ ଦାୟିତ୍ୱରେ ଅଛନ୍ତି । ନେତାମାନଙ୍କୁ ଉକ୍ତ ପଦବୀରେ ଥଇଥାନ ପାଇଁ ଯେତିକି ଗୁରୁତ୍ୱ ଦିଆଯିବା କଥା ଦିଆଯାଇନାହିଁ । ଗ୍ରୀଟ୍ ଗଠନ ପରେ ଜିଲାପାଳ ପ୍ରଥମେ ୩ମାସ ୧୦ ଦିନ ପାଇଁ ଅଧ୍ୟକ୍ଷ ଦାୟିତ୍ୱରେ ରହିଥିଲେ । ଏହାପରେ ଭଞ୍ଜନଗରର ବରିଷ୍ଠ କଂଗ୍ରେସ ନେତା ମଧୁସୂଦନ ପଟ୍ଟନାୟକ ପ୍ରାୟ ୩ବର୍ଷ ଅଧ୍ୟକ୍ଷ ଦାୟିତ୍ୱରେ ଥିଲେ । ସେହିଭଳି ଡ଼. ପ୍ରଦୀପ ପାଣିଗ୍ରାହୀ ଏକ ବର୍ଷ ଏବଂ ସୁରେନ୍ଦ୍ର ନାଥ ପ୍ରଧାନ ୩ଟି ପର୍ଯ୍ୟାୟରେ ପ୍ରାୟ ୮ବର୍ଷ ଅଧ୍ୟକ୍ଷ ଦାୟିତ୍ୱରେ ରହିଥିଲେ । ଉକ୍ତ ଦୁଇ ନେତା ମୁଖ୍ୟମନ୍ତ୍ରୀଙ୍କ ଅଞ୍ଚଳର ପ୍ରତିନିଧି ଭାବେ ଏଠାରେ ଥଇଥାନ ହୋଇଥିଲେ । ବଳକା ସମୟ ଲୋକ ପ୍ରତିନିଧି ବଦଳରେ ଅଫିସରମାନେ ଦାୟିତ୍ୱରେ ରହିଥିଲେ । ବର୍ତ୍ତମାନ ପାଣିଗ୍ରାହୀ ଦାୟିତ୍ୱ ନେବାପରେ ଗ୍ରୀଟର ବିକାଶ ଆଶା କରାଯାଉଛି । ୨୦୧୯ ପୂର୍ବରୁ ଗ୍ରୀଟ୍‌ରେ ଜିଲାର ଆଉ ୬ଟି ଏନଏସି ସମେତ ଅନେକ ପଞ୍ଚାୟତକୁ ମିଶାଇବା ପାଇଁ ନଗର ଉନ୍ନୟନ ବିଭାଗକୁ ପ୍ରସ୍ତାବ ଯାଇଛି। ପ୍ରସ୍ତାବିତ ଏନଏସି ଗୁଡ଼ିକ ହେଲା ସୋରଡ଼ା, ବୁଗୁଡ଼ା, ପୋଲସରା, କବିସୂର୍ଯ୍ୟନଗର, ପୁରୁଷୋତ୍ତମପୁର ଓ ଖଲ୍ଲିକୋଟ । ଗ୍ରୀଟ୍ ଗଠନ ପରଠୁ ୫ଜଣ କର୍ମଚାରୀ ଅସ୍ଥାୟୀ ଭାବେ ସ୍ୱଳ୍ପ ଦରମାରେ ଖଟୁଛନ୍ତି । ଗ୍ରୀଟ୍ ସେକ୍ରେଟାରୀ ଦାୟିତ୍ୱରେ ଥିବା ବ୍ରହ୍ମପୁର ପ୍ଲାନିଂ ଅଫିସର ଯନ୍ତ୍ରୀ ଏସଏସ ପଟ୍ଟନାୟକ ରାଜ୍ୟର ୧୬ଟି ଭାରପ୍ରାପ୍ତ ଦାୟିତ୍ୱରେ ଅଛନ୍ତି। ତେଣୁ ଗ୍ରୀଟ୍‌କୁ ସେ ଅଧିକ ସମୟ ଦେଇପାରୁନାହାନ୍ତି। ସେହିଭଳି ୫ଜଣ କର୍ମଚାରୀ କମ୍ ପାରିଶ୍ରମିକରେ ରହୁଥିବା ଯୋଗୁ ସେମାନଙ୍କ ମନରେ ମଧ୍ୟ ଶାନ୍ତି ନାହିଁ । ସରକାର ଗ୍ରୀଟ୍‌ର ବିକାଶ ପାଇଁ ଯେଉଁଭଳି ଦୃଷ୍ଟିଦେବା କଥା ଦେଉ ନ ଥିବା ବେଳେ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ତାଙ୍କ ନିର୍ବାଚନମଣ୍ଡଳୀର ଜଣେ ନେତାଙ୍କୁ ଉକ୍ତ ଦାୟିତ୍ୱ ଦେଇଛନ୍ତି । ସ୍ଥାଣୁ ପାଲଟି ଯାଇଥିବା ଗ୍ରୀଟ୍‌ର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେଇଛନ୍ତି ବୋଲି ନେତାମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ।

## ସଂକ୍ଷେପରେ

### ଗ୍ରାମବାସୀଙ୍କ ଅଗୋଚରରେ ରାସ୍ତା ନିର୍ମାଣ ଆରମ୍ଭ, ବିଡିଓଙ୍କୁ ଦାବିପତ୍ର

ଗଞ୍ଜାମ,୨୦।୧୦(ଡି.ଏନ.ଏ.) ଗଞ୍ଜାମ ବ୍ଲକ ଅନ୍ତର୍ଗତ କାଇଁଚପୁର ପଞ୍ଚାୟତର କାଇଁଚପୁର ଗ୍ରାମରେ ପ୍ରଶାସନ ପକ୍ଷରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଯାହା ଗ୍ରାମବାସୀଙ୍କ ଅଗୋଚରରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଗୁରୁବାର ଏକ ଦାବିପତ୍ର ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବିଡିଓ ଯସ୍ମିନ ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। ପଲ୍ଲିସଭା କିମ୍ବା ଗ୍ରାମସଭା କରା ନ ଯାଇ ରାସ୍ତା ନିର୍ମାଣ କାର୍ଯ୍ୟ କିପରି ଆରମ୍ଭ ହେଲା ବୋଲି ଗ୍ରାମବାସୀ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟର କାର୍ଯ୍ୟାଦେଶ କାହା ନାମରେ ହୋଇଛି, କିଏ କରୁଛି ତାହା ଗ୍ରାମବାସୀ ଜାଣି ନାହାନ୍ତି ବୋଲି ସେଥିରେ ଦର୍ଶାଇଛନ୍ତି। ଏନେଇ ଆସନ୍ତା ଦୁଇ ଦିନ ମଧ୍ୟରେ ତଦନ୍ତ କରି ପଦକ୍ଷେପ ନେବା ପାଇଁ ବ୍ଲକ ବିଭାଗୀୟ ଅଧିକାରୀଙ୍କୁ ବିଡିଓ ପରାମର୍ଶ ଦେଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି।

### କାର୍ ଧକ୍କାରେ ଗୋରୁ ଚରାଳି ମୃତ

ସୋରଡା,୨୦।୧୦(ଡି.ଏନ.ଏ.)ଆସିକା-ସୋରଡା ଦେଇ ଯାଇଥିବା ରାଜପଥର ନୂଆଗଡ ଗ୍ରାମ ରାସ୍ତାରେ ଗୁରୁବାର କାର୍ ଧକ୍କାରେ ଜଣେ ଗୋରୁଚରାଳିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସହଦେବ (୬୫)। ଦାରିଙ୍ଗବାଡି ନିକଟ ସିମନବାଡି ଗ୍ରାମର ଏସ. ସୁନୀଲ କୁମାର ସୁବୁଦ୍ଧି କାର ଯୋଗେ ବ୍ରହ୍ମପୁରରୁ ଘରକୁ ଫେରୁଥିଲେ। ନୂଆଗଡ ନିକଟରେ ଦୁର୍ଘଟଣା ପରେ ସେ ଗାଡ଼ିରୁ ଓହ୍ଲାଇ ଗୁରୁତର ଅବସ୍ଥାରେ ସହଦେବଙ୍କୁ ଉଦ୍ଧାର କରି ନିଜ କାର୍‌ରେ ସୋରଡା ସରକାରୀ ଡାକ୍ତରଖାନାକୁ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ । ପୋଲିସ କାରକୁ ଥାନାକୁ ଆଣି ସୁନୀଲଙ୍କୁ ପଚରାଉଚରା କରୁଛି । ମୃତ ସହଦେବଙ୍କ ଜ୍ୱାଇଁ ଗୁରା ଗଉଡଙ୍କ ଏତଲାକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି ।

### ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା

ପାରଳାଖେମୁଣ୍ଡି,୨୦।୧୦(ଡି.ଏନ.ଏ.)- କାଶୀନଗର ବ୍ଲକ ଶିକ୍ଷାଧିକାରୀଙ୍କ ଆନୁକୁଲ୍ୟରେ ସୁନେତ୍ର ଯୋଜନାରେ ଆୟୋଜିତ ଏକ ଶିବିରରେ ଏନଏସି ଅଧୀନସ୍ଥ ସମସ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଚକ୍ଷୁ ଚିକିତ୍ସା କରାଯାଇଛି। ଶିବିରରେ ମୋଟ ୧୮୫ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ପାରଳାଖେମୁଣ୍ଡି ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡ଼ା ଦୁଃଖୀ ରାମ ସିଂ ଓ ତାଙ୍କ ଟିମ୍ ଶିଶୁମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଚକ୍ଷୁ ପରୀକ୍ଷାରୁ ଯଦି କାହାରି କୌଣସି ସମସ୍ୟା ଦେଖାଦିଏ ତେବେ ମାଗଣାରେ ସେମାନଙ୍କୁ ଚଷମା, ଔଷଧ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଯୋଗାଇଦେବା ବ୍ୟବସ୍ଥା ରହିଛି। କାଶୀନଗର ବ୍ଲକର ସମସ୍ତ ୧୨ଟି ପଞ୍ଚାୟତ ଅଞ୍ଚଳରେ ଥିବା ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଲାଗି ମଧ ସୁନେତ୍ର ଯୋଜନାରେ ଏପରି ଶିବିର କରାଯିବ ବୋଲି କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସଂଯୁକ୍ତା ଜେନା କହିଛନ୍ତି ।

### ମହିଳାଙ୍କ ସୁନା ଚେନ ଝାମ୍ପିନେଲେ

ଫୁଲବାଣୀ ଅଫିସ, ୨୦।୧୦-ଫୁଲବାଣୀ ସହରରେ ପୋଲିସକୁ ଅପରାଧୀଙ୍କ ଖୋଲା ଚାଲେଞ୍ଜ। ପୋଲିସର ଅପାରଗତାର ସୁଯୋଗ ଉଠାଉଛନ୍ତି ଅପରାଧୀ । ଗୁରୁବାର ଜନଗହଳି ପୂର୍ଣ୍ଣ ଡିଆରଡିଏ ଛକ ପାଖ ମ୍ୟୁନିସିପାଲିଟି ରାସ୍ତାରେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଜଣେ ମହିଳାଙ୍କ ସୁନାଚେନ ଲୁଟ ହୋଇଛି। ପୌରପରିଷଦ କାର୍ଯ୍ୟାଳୟ ପାଖ ଏକ ଘରେ ରହୁଥିବା ସବିତାରାଣୀ ସାହୁ ପରିବା କିଣିବାକୁ ଚାଲି ଚାଲି ଡିଆରଡିଏ ଛକ ଆଡକୁ ଆସୁଥିଲେ। ବିଜୁ କଲ୍ୟାଣ ମଣ୍ଡପ ପାଖରେ କଳା ପଲସର୍‌ରେ ଦୁଇ ଜଣ ଆସି ତାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇଥିଲେ।

## ତହସିଲ କାର୍ଯ୍ୟାଳୟରେ ବାରହା ପଶିଲା



ଭଞ୍ଜନଗର,୨୦।୧୦(ଡି.ଏନ୍.ଏ.)

ଭଞ୍ଜନଗର ତହସିଲ କାର୍ଯ୍ୟାଳୟ ପରିସରକୁ ଗୁରୁବାର ଅପରାହ୍ନରେ ଏକ ବାର୍ହା ପଶି ଆସିଥିଲା। ଖବରପାଇ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ଶତପଥୀ, ଏମ୍‌ପି ପ୍ରତିନିଧି ପଞ୍ଚାନନ ପାଲ, ଜଗଦୀଶ ପାଣିଗ୍ରାହୀ ଙ୍କ ସମେତ ବନ କର୍ମଚାରୀ ପହଞ୍ଚି ବାରହାକୁ ଉଦ୍ଧାର କରି ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ବାର୍ହାଟିକୁ ସ୍ଥାନୀୟ ନର୍ସରୀରେ ରଖାଯାଇଛି। ସୁସ୍ଥ ହେବା ପରେ ତାକୁ ଜଙ୍ଗଲରେ ଛଡାଯିବ । ଅନ୍ୟପକ୍ଷରେ ଉତ୍ତର ଘୁମୁସର ବନଖଣ୍ଡ ଅନ୍ତର୍ଗତ କୋକଳବା ଗ୍ରାମରେ ଗତ ମାସ ୪ତାରିଖ ଭୋରରେ ରବୀନ୍ଦ୍ର ସାହୁଙ୍କ ସ୍ତ୍ରୀ ବୈଜୟନ୍ତୀଙ୍କୁ ଘରେ ପଶି ଏକ ବାରହା ଆକ୍ରମଣ କରିଥିଲା। ତାରସିଂ ବନରକ୍ଷୀ ଓ କର୍ମଚାରୀ ବୈଜୟନ୍ତୀଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଏହି ଘଟଣାର ଦେଢ଼ମାସ ପରେ ବି ତାଙ୍କୁ ବନ ବିଭାଗ ତରଫରୁ କୌଣସି ସହାୟତା ମିଳିନାହିଁ। ତେଣୁ ରବିନ୍ଦ୍ର ଏସମ୍ପର୍କରେ ଗୁରୁବାର ବନଖଣ୍ଡ ଅଧିକାରୀଙ୍କୁ ଭେଟି ସହାୟତା ପାଇଁ ଦାବି ଜଣାଇଛନ୍ତି ।

# ଗଞ୍ଜାମରେ ପରିବା ଦର ଆକାଶଛୁଆଁ

## ପ୍ରଶାସନର ନିୟନ୍ତ୍ରଣ ନାହିଁ

ଛତ୍ରପୁର,୨୦।୧୦(ଡି.ଏନ୍.ଏ.)

ଗଞ୍ଜାମ ଜିଲାର ସବ ଅଞ୍ଚଳରେ ଏବେ ପରିବା ଦର ଆକାଶଛୁଆଁ ହୋଇଛି। କାର୍ତ୍ତିକ ମାସ ସାଙ୍ଗକୁ ଗତ ସପ୍ତାହରେ ହୋଇଥିବା ଲଗାଣ ବର୍ଷା କାରଣରୁ ଜିଲାରେ ପରିବା ଚାଷ ବିଶେଷ ପ୍ରଭାବିତ ହୋଇଛି । ଯାହାର ସିଧାସଳଖ ପ୍ରଭାବ ପରିବା ବଜାର ଉପରେ ପଡିଛି । ଅନ୍ୟପକ୍ଷରେ ଏଥିପ୍ରତି ପ୍ରଶାସନର କୌଣସି ନିୟନ୍ତ୍ରଣ ରହୁ ନ ଥିବା ଜଣାପଡିଛି। କେବଳ ଆଳୁ ଓ ପିଆଜକୁ ଛାଡିଦେଲେ ଆଉ ସବୁ ପରିବା କେଜି ପ୍ରତି ଦର ୫୦ ପାର୍ କରିଛି । ଏହା ତଳକୁ କୌଣସି ପରିବା ମିଳୁ ନ ଥିବାରୁ ସାଧାରଣ ପରିବାର ହନ୍ତସନ୍ତ ହେଉଛନ୍ତି।

ଜିଲାରେ ବାଇଗଣ ୫୦ରୁ ୬୦ ଟଙ୍କା ରହିଥିବାବେଳେ ଟମାଟ ୫୦ଟଙ୍କା, କୋବି ୮୦ ଟଙ୍କା, ଭେଣ୍ଡି ୫୦ରୁ ୬୦ ଟଙ୍କା ରହିଛି । ଅନ୍ୟ ପରିବା ଦର ୧୦୦ଉପରେ ଥିବାରୁ ଦୋକାନୀକୁ କିଲୋ ପ୍ରତି ଦର ପଚାରିଲେ ସେମାନେ ୨୫୦ ଗ୍ରାମର ଦର କହୁଛନ୍ତି।


ପରିବା ବଜାର।

ଜିଲାକୁ ବାହାରୁ ପନିପରିବା ଆସୁ ନ ଥିବାରୁ ଦର ବଢୁଥିବା ବ୍ୟବସାୟୀ କହିଛନ୍ତି। ବଜାରରେ ପରିବା କିମ୍ବା ମାଛର ଦର ତାଲିକା ଝୁଲାଯାଉନି। ମାର୍କେଟିଂ ଇନ୍ସପେକ୍ଟର କିମ୍ବା କୌଣସି ଯୋଗାଣ ଅଧିକାରୀଙ୍କ ଦେଖାମିଳୁ ନ ଥିବା ଛତ୍ରପୁରର ଖାଉଟି ରାଜେନ୍ଦ୍ର ଦାଶ କହିଛନ୍ତି। ଲଗାଣ ବର୍ଷା ଯୋଗୁ ପରିବା ଚାଷ ନଷ୍ଟ ହୋଇଯାଇଛି । ବାହାରୁ ପରିବା ଆସୁନି ଏବଂ ଦର ବଢିଛି ବୋଲି ଚାଷୀ ତଥା ପରିବା ବ୍ୟବସାୟୀ ଶ୍ରୀକର ନାହାକ କହିଛନ୍ତି।

# ବିଜେଡିର ଜନ ସମ୍ପର୍କ ପଦଯାତ୍ରା

ଆର.ଉଦୟଗିରି,୨୦।୧୦(ଡି.ଏନ.ଏ.)

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ଶବରଙ୍କ ନେତୃତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ଗ୍ରାମ ହାଟପଦା ସମ୍ମୁଖରୁ ବ୍ଲକର ଶତାଧିକ କର୍ମୀ ଏବଂ ଜନସାଧାରଣ ଏକତ୍ରିତ ହୋଇ ପଦଯାତ୍ରାରେ ବାହାରି ଆଦିବାସୀ ପାରମ୍ପରିକ ବାଦ୍ୟ, ନୃତ୍ୟ ସହ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ତୃଣମୂଳ ସ୍ତରରେ ପହଞ୍ଚି ପାରିବ ସେ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହ ଜନ ସମ୍ପର୍କ ସୃଷ୍ଟି କରିବାକୁ ଦଳୀୟ ନେତୃବୃନ୍ଦ ଆଲୋକପାତ କରିଥିଲେ। ଏଥିରେ ବିଜେଡି ଜିଲା ସଭାପତି ପ୍ରଦୀପ ନାୟକ, ଜିଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ଜିଲା ଏସ୍‌ଡିସି ଅଧ୍ୟକ୍ଷା ମରୀୟମ ରଇତ, ପୂର୍ବତନ ଏସ୍‌ଡିସି ଅଧ୍ୟକ୍ଷ ଅନ୍ତର୍ଯାମୀ ଗମାଙ୍ଗ, ଉଦୟଗିରି ଏମ୍‌ପି ପ୍ରତିନିଧି ଜଗବନ୍ଧୁ ଦାସ, ବ୍ଲକ ଯୁବ ସଭାପତି ସନ୍ତୋଷ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ବିଜୁ ଜନତା ଦଳର କର୍ମୀମାନଙ୍କୁ ନେଇ ଏହି ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ସ୍ଥାନୀୟ ଥାନାର ପୋଲିସ ବାହିନୀ ସଦଳବଳ ଉପସ୍ଥିତ ଥିଲେ।

# ଚର୍ଚ୍ଚ, ବିଦ୍ୟାଳୟ କୋଠା ଉଦ୍‌ଘାଟନ କଲେ ବିଧାୟକ


ବିଧାୟକଙ୍କୁ ଶାଳପତ୍ରରେ ତିଆରି ଟୋପି ଦେଇ ସ୍ୱାଗତ କରାଯାଉଛି।

ଦାରିଙ୍ଗବାଡି,୨୦।୧୦(ଡି.ଏନ.ଏ.)

ଦାରିଙ୍ଗବାଡି ବ୍ଲକର ଦୁର୍ଗମ ଗୁମିକିଆ ପଞ୍ଚାୟତ ସୁକାଲାଦାରେ ଗୁରୁବାର ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ପହଞ୍ଚି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ସୁକାଲାଦାରେ ତାଙ୍କୁ ଗ୍ରାମବାସୀ ପାରମ୍ପରିକ ଶାଳପତ୍ରରେ ତିଆରି ମୁକୁଟ ପିନ୍ଧାଇ ସ୍ୱାଗତ କରିଥିଲେ। ବିଧାୟକ ପ୍ରଧାନଙ୍କ ସହ ତାଙ୍କ ସାନଭାଇ ତଥା ଦାରିଙ୍ଗବାଡି ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କୁ ମଧ ଗ୍ରାମବାସୀ ସମାନ ଭାବେ ସ୍ୱାଗତ କରିଥିଲେ। ବିଧାୟକ ସେଠାରେ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ କୋଠା ଓ ଏକ ପ୍ରାର୍ଥନା ଗୃହକୁ ଉଦଘାଟନ କରିଥିଲେ। ପରେ ଏକ ସାଧାରଣ ବୈଠକରେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ସଫଳ ଯୋଜନା ସମ୍ପର୍କରେ ଲୋକଙ୍କୁ କହିଥିଲେ। ବିଧାୟକଙ୍କ ସହ ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ପ୍ରଧାନ, ବରିଷ୍ଠ ନେତା କ୍ଲେଶ ପ୍ରଧନ, ବୁଢ଼ାଗୁଡା ସରପଞ୍ଚ ତାତୁରା ପ୍ରଧାନ, ସମିତିସଭ୍ୟ ଶ୍ରୀକାନ୍ତ ପ୍ରଧାନ, ସିମନବାଡି ସମିତିସଭ୍ୟ ସାଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗୁମିକିଆ ପଞ୍ଚାୟତ କଂଗ୍ରେସ ଗଡ଼ ଭାବେ ଜଣାଶୁଣା। ବିଜେଡି ବିଧାୟକ ପ୍ରଧାନ ଉକ୍ତ ଅଞ୍ଚଳକୁ ବାରମ୍ବାର ଗସ୍ତ କରି ନିଜ ଅକ୍ତିଆରକୁ ନେଇଥିବା ଚର୍ଚ୍ଚା ହେଉଛି।

# ସାଇକେଲ ଚୋରି ଅଭିଯୋଗ, ୨ ଗିରଫ

ବୁଗୁଡ଼ା,୨୦।୧୦(ଡି.ଏନ.ଏ.)

ବୁଗୁଡା ମେଡିକାଲ ଛକ ନିକଟ ଏକ ତେଜରାତି ଦୋକାନ ସମ୍ମୁଖରୁ ସାଇକେଲ ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୋଲସରା ଥାନା ଅନ୍ତର୍ଗତ ମଧୁପଲ୍ଲୀର ଗୌର ବାରିକ ଏବଂ ବୁଗୁଡ଼ା ଥାନା ନଗୁଡୁ ଗ୍ରାମର ନାରାୟଣ ବାରିକ। ଖୋଲଖାଲି ଗ୍ରାମର ଅମର ନାୟକଙ୍କ ସାଇକେଲ ଚୋରି ଅଭିଯୋଗକ୍ରମେ ନଂ.୬୧୩/୨୨ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଚିତ୍ତ ରଞ୍ଜନ ବେହେରା କହିଛନ୍ତି। ଗତ ୧୮ ତାରିଖ ଅପରାହ୍ନରେ ଅମରଙ୍କ ସାଇକେଲ ଚୋରି ହୋଇଥିଲା। କେହି ବ୍ୟକ୍ତି ଭୁଲରେ ନେଇ ଯାଇଥିବେ ଭାବି ସେଠାର ସିସିଟିଭି ଫୁଟେଜ ଯାଞ୍ଚ କରାଯାଇଥିଲା। ନାଲି ସାର୍ଟ ପିନ୍ଧିଥିବା ଦୁଇ ଜଣ ବ୍ୟକ୍ତି କୌଶଳରେ ସାଇକେଲଟିକୁ ନେଉଥିବାର ଫୁଟେଜରେ ଦେଖିବାକୁ ମିଳିଥିଲା। ଏହା ପରେ ଆଖପାଖରେ ସାଇକେଲ ଖୋଜା ଚାଲିଥିବା ବେଳେ କିଛି ଦୂରରେ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଫୋନରେ କଥାବାର୍ତ୍ତା ହେଉଥିବାରୁ ଲୋକେ ଯାଇ ତାଙ୍କୁ କାବୁ କରିଥିଲେ। ତାଙ୍କଠାରୁ ଅନ୍ୟ ଜଣଙ୍କ ପତ୍ତା ପାଇ ତାଙ୍କୁ ମଧ କାବୁ କରିଥିଲେ।୨ ଅଭିଯୁକ୍ତଙ୍କୁ ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ଅଭିଯୁକ୍ତ ନାରାୟଣଙ୍କ ଘରୁ ଚୋରି ସାଇକେଲକୁ ଜବତ କରାଯାଇଥିଲା।

## ଶଙ୍କରାଖୋଲରେ ଗଜଲକ୍ଷ୍ମୀ ଭସାଣି

ଫୁଲବାଣୀ ଅଫିସ/ଟିକାବାଲି, ୨୦।୧୦

ଟିକାବାଲି ବ୍ଲକ ଶଙ୍କରାଖୋଲରେ ମା'ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଗଜଲକ୍ଷ୍ମୀ ଯୁବକ୍ରୀଡା ସାଂସ୍କୃତିକ ପରିଷଦ ତରଫରୁ ଦୀର୍ଘ ବର୍ଷ ହେବ ପୂଜା ହେଉଥିବା ବିଭିନ୍ନ ଦିନରେ ମା'ଙ୍କ ପୂଜାର୍ଚ୍ଚନା ସହ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇଛି। ବୁଧବାର କଳସ ଶୋଭାଯାତ୍ରା ସହ ବିସର୍ଜନ ହୋଇଥିବା ବେଳେ ଗୁରୁବାର ଭଷାଣୀ ଉତ୍ସବ ଅନୁଷ୍ଠିତ ହୋଇଛି । ମା'ଙ୍କ ମଣ୍ଡପ ପାଖରେ ବିଭିନ୍ନ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ନାଟକ ପରିବେଷଣ କରାଯାଇଥିଲା।

## ବିପଜ୍ଜନକ ସ୍ଥିତିରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

ଧରାକୋଟ,୨୦।୧୦(ଡି.ଏନ.ଏ.)

ଟାଟା ପାୱାର ବିଦ୍ୟୁତ ବଣ୍ଟନ ଦାୟିତ୍ୱ ନେବା ପରଠାରୁ ସମସ୍ୟା ଦିନକୁ ଦିନ ବଢୁଥିବା ଦେଖାଯାଇଛି। ଧରାକୋଟ ବିଦ୍ୟୁତ୍ କାର୍ଯ୍ୟାଳୟରେ କର୍ମଚାରୀ ବସିବା ପାଇଁ ସ୍ଥାନ ଅଭାବ ରହିଥିବା ବେଳେ ଏହାର ଅବସ୍ଥା ମଧ ଶୋଚନୀୟ ହୋଇପଡିଛି। ଛାତରୁ ପାଣି ଗଳୁଥିବା ବେଳେ ଫ୍ଲୋରିଂ ମଧ ନଷ୍ଟ ହେଲାଣି । ଅନ୍ୟପକ୍ଷରେ ଜାତୀୟ ରାଜପଥ ୫୯ କଡ଼ରେ ତାଳପାଟଣା ଛକ ନିକଟରେ ଥିବା ଋଷିକୁଲ୍ୟା ସେତୁକୁ ଲାଗି ରହିଥିବା ଏକ ଟ୍ରାନ୍ସଫର୍ମର ବିପଦଜନକ ସ୍ଥିତିରେ ରହିଛି। ଏହାର ଅଳ୍ପ ଦୂରରେ ଥିବା ଯୋଡ଼ାଖୁଣ୍ଟ ଉପରେ ଲଟା ଆଚ୍ଛାଦିତ ହୋଇ ରହିଥିବା ବେଳେ ତଳେ ବୁଦା ଭର୍ତ୍ତି ହୋଇଛି। ଏହି ଟ୍ରାନ୍ସଫର୍ମର ପାର୍ଶ୍ୱ ଦେଇ ଲୋକେ ନଦୀକୁ ଗାଧୋଇବାକୁ ଯାଉଥିବା ବେଳେ ଗାଈ ଓ ଛେଳି ମେଣ୍ଢା ମଧ ଆଖପାଖରେ ଚରୁଛନ୍ତି । ତେଣୁ ବିଭାଗ ତରଫରୁ ତୁରନ୍ତ ଏହା ଉପରେ ଦୃଷ୍ଟି ଦେବାକୁ ଦାବି ହେଉଛି।

# ବାତ୍ୟା ମୁକାବିଲା ଲାଗି ପ୍ରଶିକ୍ଷଣ

ଛତ୍ରପୁର,୨୦।୧୦(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ୫ ଦିନିଆ ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀସ୍ତରରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର କଣମଣା ସ୍ଥିତ ବାତ୍ୟା ଆଶ୍ରୟସ୍ଥଳିରେ ୨୫ ଜଣଙ୍କୁ ବାତ୍ୟା କିମ୍ବା ବନ୍ୟା ବିପର୍ଯ୍ୟୟ ସମୟରେ କିପରି ନିଜେ ସୁରକ୍ଷିତ ରହିବା ସହ ଅନ୍ୟମାନଙ୍କୁ ସାହାର୍ଯ୍ୟ କରିହେବ ସେହି କୌଶଳ ଶିଖାଯାଇଛି। ଏଥିସହ ସନ୍ଧାନ ଓ ଉଦ୍ଧାର, ପ୍ରାଥମିକ ଚିକିତ୍ସା ଏବଂ ଅନ୍ୟାନ୍ୟ ଉଦ୍ଧାର କୌଶଳ ପ୍ରଶିକ୍ଷଣ ଦିଆଯାଇଛି। ଯେ କୌଣସି ବିପର୍ଯ୍ୟୟ ସମୟରେ ଗୋଷ୍ଠୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି। ଏହାକୁ ଦୃଷ୍ଟିରେ ରଖି ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ


ପ୍ରଶିକ୍ଷଣ ଶିବିର।

ଦିଆଯାଇ ତୃଣମୂଳସ୍ତରରେ ସାମର୍ଥ୍ୟ ଓ ଦକ୍ଷତାକୁ ସୁଦୃଢ କରିବା ଏହି ତାଲିମ ଶିବିର ମୂଳଲକ୍ଷ୍ୟ ବୋଲି କୁହାଯାଇଛି। ଶିବିରରେ ଟ୍ରେନର ଭାବେ ଓସଡମାର ରାଜେନ୍ଦ୍ର ଦୋରା,ବିଦେଶୀ ବ୍ରହ୍ମା ପ୍ରମୁଖ ଉପସ୍ଥିତ ରହି ୨୫ ଜଣଙ୍କୁ ତାଲିମ ପ୍ରଦାନ କରିଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ସୁକାନ୍ତ କୁମାର ମିଶ୍ର, ଜିଲା ପ୍ରକଳ୍ପ ଅଧିକାରୀ ଅବନୀକାନ୍ତ ଭୂୟାଁ, ବାତ୍ୟା ଆଶ୍ରୟସ୍ଥଳିର ସଂପାଦକ ଚନ୍ଦନ ବେହେରା, ସରପଞ୍ଚ ବି. ଦମୟନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାଥମିକ ଶିକ୍ଷକଙ୍କ କଳାବ୍ୟାଜ୍ ପରିଧାନ

## ଠିକା ନିଯୁକ୍ତି ଉଚ୍ଛେଦ ପରେ ବିବାଦ ବଢୁଛି

ଭଞ୍ଜନଗର,୨୦।୧୦(ଡି.ଏନ୍.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଠିକା ନିଯୁକ୍ତିକୁ ଉଚ୍ଛେଦ ଘୋଷଣା କରିବା ଦ୍ୱାରା ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ୫୭ ହଜାର କର୍ମଚାରୀ ଉପକୃତ ହୋଇଛନ୍ତି। କିନ୍ତୁ ପ୍ରାଥମିକ ଶିକ୍ଷକ, ଆଉଟସୋର୍ସିଂ, ବେସରକାରୀ ମହାବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ କର୍ମଚାରୀ ସମେତ ଅନ୍ୟ କେତକ କାର୍ଯ୍ୟାଳୟର କର୍ମଚାରୀମାନେ ଏହି ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗୁରୁବାର ପ୍ରାଥମିକ ଶିକ୍ଷକମାନେ ଭଞ୍ଜନଗର, ବେଲଗୁଣ୍ଠା ସମେତ ଅନ୍ୟାନ୍ୟ ବ୍ଲକରେ ବିଦ୍ୟାଳୟ ସମ୍ମୁଖରେ କଳାବ୍ୟାଜ୍ ପରିଧାନ କରି ଆନ୍ଦୋଳନ କରିଛନ୍ତି। ସରକାର ଦୁଇ ସପ୍ତାହ ମଧ୍ୟରେ ପ୍ରାଥମିକ ଶିକ୍ଷକମାନଙ୍କ ସମସ୍ତ ଦାବି ପୂରଣ କରନ୍ତୁ। ନଚେତ ରାଜ୍ୟରେ ୭୦ ହଜାର ପ୍ରାଥମିକ ଶିକ୍ଷକଙ୍କ ସମେତ ଅନ୍ୟାନ୍ୟ ସଙ୍ଗଠନ ଆନ୍ଦୋଳନରେ ସାମିଲ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ



ଗାଙ୍ଗପୁର ବିଦ୍ୟାଳୟର ଶିକ୍ଷକମାନେ କଳାବ୍ୟାଜ୍ ପରିଧାନ କରିଛନ୍ତି ।

ସଂଘ ପକ୍ଷରୁ ଜଣାଇ ଦିଆଯାଇଛି। ଗ୍ରେଡ୍ ପେ ୨୨ଶହରୁ ୨୮ଶହକୁ ବୃଦ୍ଧି, ମୂଳ ନିଯୁକ୍ତି ଠାରୁ ଚାକିରିକୁ ନିୟମିତ ଗଣନା କରିବା, ପଦୋନ୍ନତି ସରଳୀକରଣ କରିବା ଆଦି ଦାବି ରହିଛି। ରାଜ୍ୟରେ ଶିକ୍ଷା ସହାୟକ ମାନଙ୍କୁ ୨୦୦୧ରେ ୧୫ଶହ ଟଙ୍କାରେ ନିଯୁକ୍ତି ଦିଆଯାଇଥିଲା। ପ୍ରଥମେ ୯ବର୍ଷ ପରେ ସେମାନଙ୍କୁ ନିୟମିତ କରାଯାଇଥିଲା । ପରବର୍ତ୍ତି ପର୍ଯ୍ୟାୟରେ ଯେଉଁମାନେ ନିଯୁକ୍ତି ପାଇଥିଲେ ସେମାନଙ୍କୁ ୬ବର୍ଷରେ ନିୟମିତ କରାଯାଇଥିଲା । କମ୍ ପାରିଶ୍ରମିକରେ ଶିକ୍ଷକମାନେ କାର୍ଯ୍ୟକରି ରାଜ୍ୟରେ ଶିକ୍ଷାର ମାନକୁ ବୃଦ୍ଧି କରି ଆସିଛନ୍ତି। ହେଲେ ଠିକା ନିଯୁକ୍ତି ଉଚ୍ଛେଦ ବେଳେ ସେଥିରୁ ପ୍ରାଥମିକ ଶିକ୍ଷକଙ୍କୁ ବାଦ୍ ଦିଆଯାଇଥିବାରୁ ଶିକ୍ଷକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।

